## ସଂକ୍ଷେପରେ

### ୨ୟ ପର୍ଯ୍ୟାୟରେ ତୀର୍ଥଯାତ୍ରା ଯିବେ ୧୪୬ ବରିଷ୍ଠ ନାଗରିକ

ଭଦ୍ରକ,୨୯।୨ (ସନାତନ ରାଉତ)

ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୨ୟ ପର୍ଯ୍ୟାରେ ଭଦ୍ରକରୁ ୧୪୬ଜଣ ଯିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ମାର୍ଗଦର୍ଶନରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ଜିଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସଂଯୋଜନାରେ ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାରେ ପଠାଯିବା ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ସହ ପଦକ୍ଷେପ ନିଆଯାଇଛି। ଯାତ୍ରୀମାନେ ମାର୍ଚ୍ଚ ୨ରୁ ୭ ପର୍ଯ୍ୟନ୍ତ ଆଗ୍ରା ଓ ମଥୁରାକୁ ଯିବାର କାର୍ଯ୍ୟକ୍ରମ ରହିଛି। ଚାନ୍ଦବାଲି ବ୍ଲକରୁ ୨୦, ତିହିଡ଼ିରୁ ୧୨, ଧାମନଗରରୁ ୧୯, ଭଣ୍ଡାରିପୋଖରୀରୁ ୧୧, ବନ୍ତରୁ ୨୭, ଭଦ୍ରକ ବ୍ଲକରୁ ୩୩ ଓ ମ୍ୟୁନିସିପାଲିଟିରୁ ୪, ବାସୁଦେବପୁର ବ୍ଲକରୁ ୧୮ ଓ ମ୍ୟୁନିସିପାଲିଟିରୁ ୨ ସମୁଦାୟ ୧୪୬ଜଣଙ୍କ ନାମ ତାଲିକାଭୁକ୍ତ କରାଯାଇଛି। ଶୁକ୍ରବାର ଭଦ୍ରକ ଜିଲା କାର୍ଯ୍ୟାଳୟ ପରିସରରୁ ବସ୍ ଦ୍ୱାରା ଏହି ଯାତ୍ରାର ଶୁଭାରମ୍ଭ କରାଯିବ। ପ୍ରକାଶଥାଉ କି, ପ୍ରଥମ ପର୍ଯ୍ୟାୟରେ ଭଦ୍ରକରୁ ୧୪୬ଜଣ ଉଜ୍ଜୟିନୀ ଏବଂ ଓଁକାରଶ୍ୱେର ଯାତ୍ରା କରିଥିଲେ।

### ୬୪ ଦିବ୍ୟାଙ୍ଗଙ୍କୁ ବଣ୍ଟାଗଲା ଉପକରଣ

ତିହିଡ଼ି,୨୯।୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ୬୪ ଜଣ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ କରାଯାଇଛି। ଏମ୍‌ପିଙ୍କ ସୁପାରିଶକ୍ରମେ କେନ୍ଦ୍ର ସାମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ ଅନୁଦାନରେ ଉପକରଣ ବଣ୍ଟନ ହୋଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ୨୦ ଜଣଙ୍କୁ ଟ୍ରାଇସାଇକେଲ, ୨୦ଜଣଙ୍କୁ ହୁଇଲଚେୟାର, ୫ଜଣଙ୍କୁ ମୋଟର ଚାଳିତ ଟ୍ରାଇସାଇକେଲ, ୫ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୯ ଜଣଙ୍କୁ ଆଶାବାଡ଼ି ଓ ୫ ଜଣଙ୍କୁ ଅନ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀନବନ୍ଧୁ ମହାନ୍ତି ସଞ୍ଚାଳନ କରିଥିଲେ। ବରେଣ୍ୟ ଅତିଥି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅନ୍ୟତମ ଅତିଥି ଭାବେ ବ୍ଲକ୍ ଅଧକ୍ଷା ଅବନ୍ତୀ ଦାସ, ବିଡିଓ ଜ୍ୟୋତିର୍ମୟ କର ଓ ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତ୍‌ଲତା ନାୟକ ଯୋଗ ଦେଇଥିଲେ। ଏବିଡିଓ ମାନସ ଜେନା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଧ୍ୟାହ୍ନଭୋଜନରେ କେବଳ ଭାତ

## ନ ଖାଇ ଫେରିଲେ ୮ ଛାତ୍ରୀଛାତ୍ର

ଚାନ୍ଦବାଲି, ୨୯।୨ (ଅଶୋକ କୁମାର ପଣ୍ଡା)

ମଧ୍ୟାହ୍ନ ଭୋଜନରେ କେବଳ ଭାତ ଥିବାରୁ ନ ଖାଇ ଛାତ୍ରୀଛାତ୍ର ଘରକୁ ଫେରିଥିଲେ। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହ ସ୍କୁଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଗୁରୁବାର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରା ନିକଟସ୍ଥ କରଞ୍ଜମାଳଠାରେ ଥିବା ଧାନକୁଟା ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ସମୁଦାୟ ୨୪ଜଣ ଛାତ୍ରୀଛାତ୍ର ବିଦ୍ୟାଳୟରେ ଉପସ୍ଥିତ ଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ଉପସ୍ଥାନ ଖାତାରେ ୪୦ଜଣ ଛାତ୍ରୀଛାତ୍ର ଦର୍ଶାଇଛନ୍ତି। ୨୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮ଜଣଙ୍କ ପାଇଁ ଭାତ ଥିବାବେଳେ ତରକାରୀ ନ ଥିଲା।


ସ୍କୁଲ ସମ୍ମୁଖରେ ଅଭିଭାବକମାନେ।

୮ ଛାତ୍ରୀଛାତ୍ର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏକଥା ଜଣାଇବାରୁ ଖାଦ୍ୟ ପାଇଁ ମୋତେ ନ କହି ଯିଏ ରୋଷେଇ କରୁଛନ୍ତି ତାଙ୍କୁ ପଚାର ବୋଲି କହିଥିଲେ। ପରେ ସେମାନଙ୍କ ଅଭିଭାବକ ଆସି ପ୍ରଶ୍ନ କରିଥିବା ବେଳେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସେମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇବା ସହ ସେମାନଙ୍କ ପିଲାଙ୍କୁ ସ୍କୁଲକୁ ଛାଡ଼ିବେ ନାହିଁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏସ୍‌ଏମ୍‌ସି ସଭ୍ୟ ବଳରାମ ପଣ୍ଡିତ, ରିତେଶ ରଞ୍ଜନ ସ୍ୱାଇଁ, ଶୁକଦେବ ମଣ୍ଡଳ, ବିଜୟ ଦାସ, ଉଦୟକେତନ ମହାନ୍ତି, ବାବୁଲି ପଣ୍ଡିତ, ମନୋଜ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଯୋଗଯୋଗ ହୋଇପାରି ନାହିଁ। ବ୍ଲକ ଶିକ୍ଷା ଅଧିକାରୀ ଶୁଭେନ୍ଦୁ ମହାରାଜ କହିଛନ୍ତି, କୌଣସି ଲିଖିତ ଅଭିଯୋଗ ଆସିନାହିଁ। ଘଟଣା ବିଷୟରେ ଜାଣିବା ପରେ ଏବିଇଓଙ୍କୁ ତଦନ୍ତ ଦିଆଯାଇଛି।

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

ଭଦ୍ରକ,୨୯।୨(ସନାତନ ରାଉତ)

ଭଦ୍ରକ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି ମିନତି ପଣ୍ଡା ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ଏହି ମାମଲାରେ ଦୋଷୀ ଧାମନଗର ଥାନା ଅଧୀନ ଭଗିବିନ୍ଧା ଗ୍ରାମର ମୋହନ କୁମାର କୁଣ୍ଡୁ(୩୪)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପୁନଶ୍ଚ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ୨୦୨୨ ଜାନୁଆରୀ ୧୩ ସନ୍ଧ୍ୟାରେ ମୋହନ ଉକ୍ତ ନାବାଳିକାଙ୍କୁ କୁର୍‌କୁରେ ଓ ଚକୋଲେଟ ଦେଇ ନିକଟରେ ଥିବା ରେବ ନଦୀକୂଳକୁ ନେଇ ବଳାତ୍କାର କରିଥିଲେ। ଏ କଥା କାହାକୁ କହିଲେ ଜୀବନରୁ ମାରିଦେବାକୁ ମଧ ତାଙ୍କୁ ଧମକ ଦେଇଥିଲେ। ବିଳମ୍ବିତ ରାତିରେ ନାବାଳିକା ତାଙ୍କ ମା'ଙ୍କୁ ଘଟଣା ବିଷୟରେ କହିଥିଲେ। ପରଦିନ ତାଙ୍କ ମା' ଏନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ( ନଂ.୧୫/୨୨) ରୁଜୁ କରିଥିଲା। ୧୫ ତାରିଖରେ ମୋହନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସେହିଦିନଠାରୁ ସେ ବିଚାରାଧୀନ ବନ୍ଦୀ ଭାବେ ଜେଲରେ ଥିଲେ। ସରକାରୀ ଓକିଲ ବଟକୃଷ୍ଣ ଦାସ ଓ ପ୍ରଦୀପ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ୧୦୮ ମହାଦେବଙ୍କ ବାର୍ଷିକୋତ୍ସବ



ଭଣ୍ଡାରିପୋଖରୀ, ୨୯।୨
(ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକର ନପଙ୍ଗଠାରେ ଥିବା ୧୦୮ ମହାଦେବଙ୍କ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୀଠ ତତ୍ତ୍ୱାବଧାରକ ବଟକୃଷ୍ଣ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଦିନ ଧରି ପୂଜା ବିଧି ହୋଇଥିଲା। ବିଭିନ୍ନ ପୂଜାର୍ଚ୍ଚନା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ପୂଜକ ଜ୍ଞାନରଞ୍ଜନ ମିଶ୍ର, ବିଶ୍ୱନାଥ ମିଶ୍ର, ନରେନ୍ଦ୍ର କର, ନନ୍ଦକିଶୋର ତ୍ରିପାଠୀ, ସଂଗ୍ରାମ ମିଶ୍ର ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ବିକାଶ ଜେନା, ଧିରେନ୍ଦ୍ର ନାୟକ, ମନୋରଞ୍ଜନ ନାୟକ, ଶରତ ନାୟକ, ମକରଧ୍ୱଜ ନାୟକ ପ୍ରମୁଖ ଘଟ ଉତ୍ତୋଳନ କରିଥିଲେ। ଏହି ଅବସରରେ ପୀଠରେ ନବନିର୍ମିତ ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ, ରାମସୀତା ଓ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ସହ ନୂତନ ବିଗ୍ରହ ସ୍ଥାପନ ହୋଇଥିଲା। ସୁଧାକର ବେହେରା, ସୂର୍ଯ୍ୟମଣି ନାୟକ, ବାବାଜୀ ସାମଲ, ସୁବାସ ନାୟକ, କାଶିନାଥ ପରିଡ଼ା, ମେନୁ ମହାପାତ୍ର, ଦରିଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବେଆଇନ ପାର୍କିଂ ଯୋଗୁ ବଢ଼ୁଛି ଦୁର୍ଘଟଣା

## ସ୍କୁଟିକୁ ପିଟିଲା ପିକ୍‌ଅପ୍ ଭ୍ୟାନ୍, ୨ ଗୁରୁତର

ଭଦ୍ରକ,୨୯।୨ (ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ରାଣୀତାଳଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗୁରୁବାର ପୂର୍ବାହ୍ନରେ ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ସ୍କୁଟିକୁ ଧକ୍କା ଦେବାରୁ ୨ ଆରୋହୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ରାଣୀତାଳ ଆଡୁ ଭଦ୍ରକ ଅଭିମୁଖେ ଆସୁଥିବା ସ୍କୁଟିକୁ ରାଣୀତାଳ ନିକଟସ୍ଥ ସର୍ଭିସ୍ ରୋଡ୍‌ର ଖେମ୍‌କା ଛକଠାରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ (ନଂ ଓଡି ୨୨ ଇ ୪୫୧୩) ଧକ୍କା


ଦୁର୍ଘଟଣାଗ୍ରସ୍ତ ସ୍କୁଟି।

ଦେଇଥିଲା। ଦୁର୍ଘଟଣାରେ ସ୍କୁଟିରେ ଥିବା ଦୁଇଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଦମକଳ ଯୋଗେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରୁ ଜଣଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ତଦନ୍ତ କରିଛି। ଦୁଇ ଆହତଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ।

ଉକ୍ତ ସର୍ଭିସ୍ ରୋଡ୍‌ରେ ବେଆଇନ ଭାବେ ଗାଡ଼ି ପାର୍କିଂ ହେଉଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାହାଞ୍ଜି ପଞ୍ଚାୟତର ରଣଜିତ୍ ପରିଡ଼ା କହିଛନ୍ତି, ଏହି ରାସ୍ତାରେ ସବୁବେଳେ ବେଆଇନ ପାର୍କିଂ କରାଯାଉଛି। ଫଳରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦେଇ ଏହି ସର୍ଭିସ ରୋଡ୍‌ରୁ ପାର୍କିଂ ହଟାଇବାକୁ ସେ ଦାବି କରିଛନ୍ତି।

## 'ଶୃଙ୍ଖଳା, ଆତ୍ମବିଶ୍ୱାସ ଆଗକୁ ଯିବାକୁ ବାଟ ଦେଖାଏ'

ବାସୁଦେବପୁର,୨୯।୨
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ରାଜଘରପୋଖରୀ ପଞ୍ଚାୟତ କୃଷ୍ଣଚନ୍ଦ୍ର ସରକାରୀ ଉ.ପ୍ରା. ବିଦ୍ୟାଳୟର ୬୬ତମ ବାର୍ଷିକୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଶୃଙ୍ଖଳା ଓ ଆତ୍ମବିଶ୍ୱାସ ଛାତ୍ରୀଛାତ୍ରଙ୍କୁ ଆଗକୁ ଯିବାକୁ ବାଟ ଦେଖାଏ ବୋଲି କହିଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ମୁକ୍ତିକାନ୍ତ ନାୟକ ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ଅରୁଣ କୁମାର ମହାନ୍ତି, ସମିତିସଭ୍ୟ ରମେଶ ଚନ୍ଦ୍ର ବଳ, ନାଏବ ସରପଞ୍ଚ ମାନସୀ ସ୍ୱାଇଁ, ରାଜଘରପୋଖରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଘନଶ୍ୟାମ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ ସଭାପତିତ୍ୱ କରିଥିଲେ। ଦେବସଚିନ ରାଉତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ନୀଳାମ୍ବର ବଳ ଅତିଥି ପରିଚୟ ଦେଇଥିଲେ। ସତ୍ୟବ୍ରତ ବେହେରା, ବିଦ୍ୟାଧର ମହାନ୍ତି, ଅନ୍ନପୂର୍ଣ୍ଣା ମହାନ୍ତି, ପଦ୍ମାବତୀ ଓଝା, ସୁରୁଚି ମଲିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବିଇଓ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ୧୪୬ ୟୁନିଟ୍ ରକ୍ତ ସଂଗ୍ରହ

ବାସୁଦେବପୁର,୨୯।୨
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ଜିଲା କଂଗ୍ରେସ ସଭାପତି ତଥା ଏଆଇସିସି ସଦସ୍ୟ ଅଶୋକ ଦାସଙ୍କ ଜନ୍ମଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୪୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଭିନ୍ନ ପଞ୍ଚାୟତ ୱାର୍ଡର ସ୍ୱେଚ୍ଛାସେବୀ ଏଥିରେ ସାମିଲ ଥିଲେ। ବାସୁଦେବପୁର ଡାକ୍ତରଖାନା ଓ ସହରସ୍ଥିତ ଏକ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରିଥିଲେ।

# ନିର୍ବାଚନ ପୂର୍ବରୁ ପେନ୍‌ସନ, ସୁରକ୍ଷା ଆଇନ ଲାଗୁ ନ ହେଲେ ଆନ୍ଦୋଳନ

## ଓଡ଼ିଶା ସାମ୍ବାଦିକ ସଂଘର ଚେତାବନୀ

ଭଦ୍ରକ,୨୯।୨(ସନାତନ ରାଉତ)

ଖବରଦାତାଙ୍କ ପାଇଁ ମାସିକ ପେନ୍‌ସନ ଓ ସୁରକ୍ଷା ଆଇନ ଲାଗୁ ପାଇଁ ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଭଦ୍ରକ ଜିଲା ସଂଘ ପକ୍ଷରୁ ସକାଳେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅପରାହ୍ନରେ ଭାଗବତ କଲ୍ୟାଣ ମଣ୍ଡପରେ ଆହୂତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଜ୍ଞାନ ପ୍ରକାଶ ପାଣି ଓ ସମ୍ପାଦକ ଉଦ୍ଧବ ମିଶ୍ର ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ


ସଂଘ ପକ୍ଷରୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସରକାର ଖବରଦାତାଙ୍କୁ ଅଣଦେଖା କରି ଚାଲିଛନ୍ତି। ନିର୍ବାଚନ ପୂର୍ବରୁ ପେନ୍‌ସନ ଓ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ପାଇଁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ସଂଘର ପୁରାତନ ସଭ୍ୟ ପ୍ରମୋଦ ରାଉତଙ୍କ ସମେତ ପ୍ରଭାତ ବିଜୟ, ରଞ୍ଜନ କୁମାର ମଲ୍ଲିକ, ଶିବ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ପୌରାଧକ୍ଷଙ୍କ ପରଲୋକ

ଭଦ୍ରକ,୨୯।୨(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକର ପୂର୍ବତନ ପୌରାଧକ୍ଷ ମାନସ ମହାନ୍ତି(୭୨)ଙ୍କ ଗୁରୁବାର ପରଲୋକ ହୋଇଛି। ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଭଦ୍ରକ ବିଜ୍ଞାପିତ ଅଞ୍ଚଳ ପରିଷଦ ଥିବାବେଳେ ସେ କଂଗ୍ରେସରୁ ୧୯୮୫-୮୮ ପର୍ଯ୍ୟନ୍ତ ନଗରପାଳ ଥିଲେ। ପରେ ୧୯୮୮ରେ ଭଦ୍ରକ ପୌରପାଳିକା ଘୋଷଣା ହେବା ପରେ ୧୯୮୮-୯୦ ଅଧ୍ୟକ୍ଷ ଥିଲେ। ପରେ ୨୦୧୩-୧୮ ବିଜେଡି ପକ୍ଷରୁ ପୌରାଧକ୍ଷ ଥିଲେ। ଭଦ୍ରକ ଶହୀଦ ସ୍ମୃତି ଭବନ ଦୀର୍ଘଦିନ ଧରି ତାଲା ପଡ଼ିଥିବା ବେଳେ ତାଙ୍କ ସମୟରେ ତାହାର ପୁନରୁଦ୍ଧାର ସହ ଉନ୍ନତୀକରଣ କରାଯାଇଥିଲା। ସେହିପରି ରହଣିଆଠାରେ ଅମୃତପାର୍କ ସହ ଭଦ୍ରକ ସହରରେ ବହୁ ଉନ୍ନୟନ କାର୍ଯ୍ୟ ତାଙ୍କ


ମାନସ ମହାନ୍ତି

ସମୟରେ ହୋଇପାରିଥିଲା। ପୂର୍ବତନ ମନ୍ତ୍ରୀ ଯୁଗଳକିଶୋର ପଟ୍ଟନାୟକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ପୌରାଧକ୍ଷା ଗୁଲମକ୍କୀ ଦଲାୱାଜି ହବିବ, ଉପାଧକ୍ଷା ଅଞ୍ଜୁବାଳା ଜେନା, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ, ଆଇନଜୀବୀ ଗଦାଧର ବଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀର ଭଦ୍ରକରେ ପହଞ୍ଚିବା ପରେ ସହର ପରିକ୍ରମା କରାଯାଇ ବଙ୍କସାହିସ୍ଥିତ ବାସଭବନକୁ ନିଆଯାଇଥିଲା।

# ରାଉରକେଲା ଚାମ୍ପିୟନ

## ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଚାନ୍ଦବାଲି,୨୯।୨ (ଅଶୋକ କୁମାର ପଣ୍ଡା)

ଚାନ୍ଦବାଲି ବ୍ଲକର ଧାମରା ନିକଟସ୍ଥ କଇଥଖୋଲାଠାରେ କେକେ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୭ଦିନ ଧରି ଚାଲିଥିବା ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାସୁଦେବପୁର ଉତ୍କଳିକା ଟିମ୍‌କୁ ହରାଇ ରାଉରକେଲା ଚାମ୍ପିୟନ ହୋଇଛି। ଟସ୍ ଜିତି ବାସୁଦେବପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୨୯ ରନ୍ କରିଥିଲା। ଜବାବରେ ରାଉରକେଲା ୨୩ ଓଭରରେ ୨୩୦ ରନ୍ କରି ବିଜୟୀ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଅମିୟ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଆଇନଜୀବୀ ରାଧା ଦାସ, କଇଥଖୋଲା ସରପଞ୍ଚଙ୍କ ପ୍ରତିନିଧି ବୈରୀଗଞ୍ଜନ ସାମଲ, ରାଜକୃଷ୍ଣ ଦିନ୍ଦା ପ୍ରମୁଖ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଓସିଏ ଅମ୍ପାୟାର ରଞ୍ଜନ ମହାନ୍ତି, ସନ୍ତୋଷ ବିଶ୍ୱାଳ, ଦେବବ୍ରତ ଦାସ, ପ୍ରତାପ ପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ। କେକେ ସ୍ପୋର୍ଟିଂ କ୍ଲବର ସମ୍ପାଦକ ସତ୍ୟଜିତ ମହାପାତ୍ର, ସଭାପତି ସୁବ୍ରତ ଦାସ, ବରୁଣ ଦାସ, ଅମରେଶ ଦିନ୍ଦା, ମୁନା ସାହା, ଆଲ୍ଲାରଖା ସାହା, ପ୍ରଦୀପ ମଣ୍ଡଳ, ଦେବବ୍ରତ ମାଇତି, ଅରୁଣ ପଟ୍ଟନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।



ଅତିଥି ବିଜୟୀ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

# ଧାମରାକୁ ଏନ୍‌ଏସି ଘୋଷଣା କରାଯାଉ: କଂଗ୍ରେସ

ଚାନ୍ଦବାଲି,୨୯।୨(କିଷାନ ପାତ୍ର/ ଅଶୋକ କୁମାର ପଣ୍ଡା)

ଚାନ୍ଦବାଲି ବ୍ଲକର ଧାମରାକୁ ଏନ୍‌ଏସି ଘୋଷଣା କରାଯିବାକୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ ପ୍ରେସ୍ ବିବୃତ୍ତି ଜରିଆରେ ଦାବି କରିଛନ୍ତି। ୨ ବର୍ଷ ତଳେ ଏକ ବେସରକାରୀ ସଂସ୍ଥା ଧାମରା, ଜାଗୁଲା, ଦୋସିଙ୍ଗା ଏବଂ କଇଥଖୋଲା ପଞ୍ଚାୟତରେ ଥିବା ୨୬ଟି ରାଜସ୍ୱ ଗ୍ରାମରେ ସର୍ଭେ କରି ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ଏନ୍‌ଏସି ହେବାକୁ ସମସ୍ତ ଭିତ୍ତିଭୂମି ଥିଲେ ମଧ ଧାମରା ପ୍ରତି ରାଜ୍ୟ ସରକାର ପାତରଅନ୍ତର କରିଛନ୍ତି। ତୁରନ୍ତ ଧାମରାକୁ ଏନ୍‌ଏସି ଘୋଷଣା କରାଯିବାକୁ ସେ ଦାବି କରିଛନ୍ତି। ଧାମରା ଭାରତର ୨ୟ ବୃହତ୍ତମ ବନ୍ଦର ହୋଇଥିବା ବେଳେ ଧାମରା ଅଞ୍ଚଳ ପ୍ରତି ବୈମାତୃକ ମନୋଭାବରେ ରାଜ୍ୟ ସରକାର ପରିବର୍ତ୍ତନ ଆଣିବା ଜରୁରୀ। ଧାମରାକୁ ତୁରନ୍ତ ଏନ୍‌ଏସି ଘୋଷଣା କରା ନ ଗଲେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଏହାର ଜବାବ ଦେବ ବୋଲି ସେ କହିଛନ୍ତି।

# ଜବରଦଖଲ ଉଚ୍ଛେଦ ଦାବି

## ନୟନଯୋରି କିସମ ଜମିରେ ବେଆଇନ ଗୃହ ନିର୍ମାଣ

ତିହିଡ଼ି,୨୯।୨ (ସଞ୍ଜିତ ବଳ)

ତିହିଡ଼ି ତହସିଲ ଅଧୀନ କୋହ୍ଲ ବଜାରରେ ଏକ ନୟନଯୋରି କିସମ ଜମିରେ ଜଣେ ବ୍ୟକ୍ତି ବେଆଇନ ଭାବେ ଗୃହ ନିର୍ମାଣ କରିଛନ୍ତି। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ପାଇ ନ ଥିଲେ। ପରେ କେତେଜଣ ବ୍ୟକ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିବା ପରେ ହାଇକୋର୍ଟ ପକ୍ଷରୁ ତୁରନ୍ତ ଜାଗା ଚିହ୍ନଟ କରି ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ପରେ ବେଆଇନ ଭାବେ ନିର୍ମିତ ଗୃହକୁ ଉଚ୍ଛେଦ ପାଇଁ ଅଭିଯୋଗକାରୀମାନେ ଗୁରୁବାର ଓରଡ଼ା ଗ୍ରାମରେ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।

ଅଭିଯୋଗକାରୀ ଓରଡ଼ା ଗ୍ରାମର ଗୋବର୍ଦ୍ଧନ ନାୟକ ଦର୍ଶାଇଛନ୍ତି ଯେ, କୋହ୍ଲ ମୌଜାରେ ଖାତା ନଂ. ୬୯୯ ପ୍ଲଟ ନଂ.୧୩୧୧ରେ ଥିବା ୧୦ ଡିସିମିଲ ଜାଗାରୁ ୧ ଡିସିମିଲ ନୟନଯୋରି କିସମ ଜମିରେ ଉକ୍ତ ବ୍ୟକ୍ତି ଗୃହ ନିର୍ମାଣ କରିଥିଲେ। ଏହି ନିର୍ମାଣକୁ ବିରୋଧ କରି କେତେଜଣ ଲୋକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ନଂ ଡବ୍ଲ୍ୟୁପି(ସି)୬୫୮୪/୨୩ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସଚିବ, ଜିଲାପାଳ, ତହସିଲଦାର ଓ ଜବରଦଖଲକାରୀଙ୍କୁ ପକ୍ଷଭୁକ୍ତ କରି ରୁଜୁ କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାର କରି ସରକାରୀ ଜାଗାକୁ ଚିହ୍ନଟ କରି ଜବରଦଖଲ ଉଚ୍ଛେଦ ପାଇଁ ଗତ ମାସ ୫ ତାରିଖରେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଗତ ୨୭ ତାରିଖରେ ରାଜସ୍ୱ ନିରୀକ୍ଷକ ଓ ପୋଲିସ ଉପସ୍ଥିତିରେ ଜାଗା ମାପଚୁପ କରାଯାଇଛି। ରାଜସ୍ୱ ନିରୀକ୍ଷକ ଗୋଲକ ମୁର୍ମୁ ମଧ ତହସିଲଦାରଙ୍କୁ ଏନେଇ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତୁରନ୍ତ ଉଚ୍ଛେଦ କରି ଉକ୍ତ ଜାଗା ଅବରୋଧମୁକ୍ତ କରାଯିବାକୁ ଅଭିଯୋଗକାରୀ ନାୟକଙ୍କ ସମେତ ପ୍ରକାଶ ଚନ୍ଦ୍ର ଜେନା, ଗୌତମ ମୁଦୁଲି, ବିଦ୍ୟାଧର ପରିଡ଼ା ପ୍ରମୁଖ ଦାବି ଜଣାଇଛନ୍ତି।

# ଶିଶୁ ସୁରକ୍ଷା ପାଇଁ ସବୁ ସ୍ତରରେ ସହଯୋଗ ଲୋଡ଼ା

ଧାମନଗର, ୨୯।୨
(ଦେବେନ୍ଦ୍ର ଆଢ଼ିଆ)

ଧାମନଗର ପଞ୍ଚାୟତ ସଭାଗୃହରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଓ ଅଂଶୀଦାର ସମୂହଙ୍କୁ ନେଇ ସଭା ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନ ବିହାରୀ ଦିଣ୍ଡାଙ୍କ ସଭାପତିତ୍ୱରେ 'ଶିଶୁ ପାଇଁ ଦିନଟିଏ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ସଂଯୋଜକ ସଞ୍ଜୟ କୁମାର ଦାସ, ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଭାରପ୍ରାପ୍ତ ସିଡିପିଓ ସୁଶ୍ରୀ ଶର୍ମିଷ୍ଠା ମଲିକ, ସାମାଜିକ ସୁରକ୍ଷା ଅଧିକାରୀ ସୋମ୍ୟଜିତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ସ୍ୱାଗତିକା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ପାଇଁ ସବୁ ସ୍ତରରେ ସାହାଯ୍ୟ ସହଯୋଗ ଯୋଗାଇଦେବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆଶୀର୍ବାଦ ଯୋଜନାରେ ସହାୟତା ପାଉଥିବା ହିତାଧିକାରୀ ଶିଶୁମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଆଇ ସିଡିଏସ୍ ସୁପରଭାଇଜର, ଶିକ୍ଷା ବିଭାଗ, ପୋଲିସ, ଅଙ୍ଗନୱାଡି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ, ହିତାଧିକାରୀ ଶିଶୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା କମିଟି ପକ୍ଷରୁ ସୁଦର୍ଶନ ବାଡ୍ରା, ଚିନ୍ମୟ ପଣ୍ଡା, ସୁପରଭାଇଜର କାଜଲ ନାୟକ, ସସ୍ମିତା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିଶୁ ସୁରକ୍ଷା କମିଟି, ଅଂଶୀଦାର ସମୂହଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଅଧିକାରୀମାନେ।

# କେନ୍ଦୁଝରରେ ରାଷ୍ଟ୍ରପତି

## ପାରମ୍ପରିକ ଚାଙ୍ଗୁ ବାଦ୍ୟରେ ସ୍ୱାଗତ

କେନ୍ଦୁଝର,୨୯।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କେନ୍ଦୁଝର ଜିଲା ଗସ୍ତ କରିଥିଲେ। ଦିନିକିଆ ଗସ୍ତରେ ରାଷ୍ଟ୍ରପତି ବାଂଶପାଳ ବ୍ଲକ୍ ଗୋନାସିକାରେ ପୁରାତନ ଜନଜାତି ଜୁଆଙ୍ଗମାନଙ୍କ ସହିତ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ଶୁଣିଥିଲେ। ଏହି ସମୟରେ ଜନଜାତି ସମ୍ପ୍ରଦାୟର ଲୋକେ ପାରମ୍ପରିକ ଚାଙ୍ଗୁ ବାଦ୍ୟରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ମହାମହିମ ଧରଣୀଧର ବିଶ୍ୱବିଦ୍ୟାଳୟର ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିକୁ ନେଇ ଏକ ଜାତୀୟସ୍ତରର ସେମିନାର ଓ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ।

### ଜନଜାତିଙ୍କ କଥା କହିଲେ ଓ ଶୁଣିଲେ

ଦେଶର ପ୍ରଥମ ନାଗରିକ ତଥା ରାଷ୍ଟ୍ରପତି କେନ୍ଦୁଝର ଜିଲା ଗସ୍ତରେ ଆସି ଜିଲାର ପୁରାତନ ଜନଜାତି ଜୁଆଙ୍ଗମାନଙ୍କ ସହିତ ଆଲୋଚନା କରିଥିଲେ। ଜନଜାତିଙ୍କ ପ୍ରକୃତ ସମସ୍ୟା ବୁଝିଥିଲେ। ଜୁଆଙ୍ଗମାନେ ସେମାନଙ୍କ ପ୍ରକୃତ ଆବଶ୍ୟକତା ଜଣାଇଥିଲେ।

### ବହୁ ଦୂର କହି ଠକୁଥିଲେ

ରାଇସୁଆଁ ଏୟାରଷ୍ଟ୍ରିପରେ ଏକ ସ୍ୱତନ୍ତ୍ର ବିମାନରେ ଆସି ଓହ୍ଲାଇ ରାଷ୍ଟ୍ରପତି ସଡ଼କପଥରେ ବାଂଶପାଳ ବ୍ଲକ ଗୋନାସିକା ଯାଇଥିଲା। ସେଠାରେ ଜୁଆଙ୍ଗ ଜନଜାତିମାନଙ୍କ ସହିତ ଆଲୋଚନା ବେଳେ ଗୋନାସିକାକୁ ଆସିଥିବାରୁ ଖୁସି ବ୍ୟକ୍ତ କରିଥିଲେ। ତେବେ ସେଠାରେ ଉଦ୍‌ବୋଧନ ଦେବା ସମୟରେ କହୁ କହୁ କହିଦେଲେ ଯେ ସେ ଏଠାକୁ ଆସିବା ପାଇଁ ଚାହିଁଥିଲି। କିନ୍ତୁ ବହୁତ ଦୂର ବୋଲି କହି ମୋତେ ଠକୁଥିଲେ। କହିଲେ ୧.୧୫ ମିନିଟ୍ ଲାଗିବ। ଭାବିଲି ଗାଡିରେ ଯାଇ ଫେରି ଅନ୍ୟ କାର୍ଯ୍ୟକ୍ରମ ଯାଇ ପାରିବି କି ନାହିଁ। କିନ୍ତୁ ଆଗରୁ ବହୁତ ଥର ଆସିଛି ଏଣୁ ମତେ ଭୁଲାଇପାରିଲେ ନାହିଁ। ଅଧା ଘଣ୍ଟାରେ ପହଞ୍ଚିଗଲି। ତେବେ ଏ ନେଇ କାହାରି ନାମ ଧରି ନ ଥିଲେ।

### କ୍ଷତିଗ୍ରସ୍ତ ହେଲେ ଛୋଟ ବ୍ୟବସାୟୀ

ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ରାସ୍ତାରେ କିମ୍ବା କଡ଼ରେ ଗାଡ଼ି ରଖିବା ମନା ହୋଇଥିଲା। ବିଶେଷ କରି ରାସ୍ତା କଡ଼ରେ ବସି ପେଟପାଟଣା ପାଇଁ ବିକ୍ରି କରୁଥିବା ଛୋଟ ଛୋଟ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହୋଇଥିଲେ।

### ସଡ଼କପଥରେ ଗଲେ ରାଷ୍ଟ୍ରପତି

ସ୍ୱତନ୍ତ୍ର ହେଲିକପ୍ଟରରେ ଆସିଥିବା ରାଷ୍ଟ୍ରପତି ରାଇସୁଆଁ ଏୟାରଷ୍ଟ୍ରିପରୁ ଓହ୍ଲାଇ ସଡ଼କପଥରେ ଦୀର୍ଘ ପ୍ରାୟ ୪୦ କି.ମି. ଦୂର ଗୋନାସିକା ଯାଇଥିଲେ। ତେବେ ଲୁହାପଥର ପରିବହନ ପାଇଁ ଏନଏଚ ୪୯ରେ ପ୍ରାୟ ଅନେକ ଦିନ ଜାମ ରହିଥାଏ। ଫଳରେ ଦୁଇ ଦିନ ହେଲା ସାଧାରଣ ଲୋକେ ସୁବିଧାରେ ଯାତାୟାତ କରିଥିଲେ ହେଁ ଟ୍ରକ୍ ଚଳାଚଳ ବନ୍ଦ ହୋଇଯାଇଥିଲା। ସେହିପରି ତରବରିଆ ଭାବରେ ଦୀର୍ଘ ବର୍ଷ ଧରି ସଜଡ଼ା ଯାଉ ନ ଥିବା ରାସ୍ତାକୁ ସଜଡ଼ା ଯିବା ସହ ସଫେଇ କରାଯାଇଥିଲା।

### ଛାତ୍ରୀଛାତ୍ରଙ୍କୁ ଅନୁଭୂତି ନେବାକୁ ପରାମର୍ଶ

ସ୍ଥାନୀୟ ଧରଣୀଧର ବିଶ୍ୱ ବିଦ୍ୟାଳୟରେ ଜାତୀୟ ସେମିନାର ଉଦ୍‌ଘାଟନୀ ଅବସରରେ ରାଷ୍ଟ୍ରପତି ଅଭିଭାଷଣରେ ଛାତ୍ରୀଛାତ୍ର ତଥା ଅଧ୍ୟାପକମାନଙ୍କୁ ଆଦିବାସୀଙ୍କ ଗ୍ରାମକୁ ଯାଇ ୪ରୁ ୫ ଦିନ ରହି ସେମାନଙ୍କ ଜୀବନ ଶୈଳୀ ଅନୁଧ୍ୟାନ କରି ଉପସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ।

### ଜନଜାତିମାନେ ପ୍ରକୃତିର ଉପାସକ

ଜନଜାତିମାନେ ପ୍ରକୃତିର ଉପାସକ। ବର୍ତ୍ତମାନ ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ବିଶ୍ୱରେ ମୁଖ୍ୟ ସମସ୍ୟା ହୋଇଛି। ବର୍ତ୍ତମାନ ପ୍ରକୃତି ଅନୁକୂଳ ଜୀବନଯାପନାର ଆବଶ୍ୟକତା ରହିଛି। ପ୍ରକୃତିକୁ ସମ୍ମାନ ଜଣାଇବା ଓ ପ୍ରାକୃତିକ ସମ୍ବଳର ସର୍ବନିମ୍ନ ବ୍ୟବହାର କରିବା ଆଦିବାସୀ ଜୀବନ ଶୈଳୀ ହୋଇଛି। ସେମାନେ ପ୍ରକୃତିର ସୁରକ୍ଷା କରୁଛନ୍ତି ବୋଲି ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଥିଲେ।

# ଚମ୍ପୁଆରେ କାୟାକଳ୍ପ ପ୍ରତିନିଧି ଦଳ



କାୟାକଳ୍ପ ପ୍ରତିନିଧି ଦଳ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

ଚମ୍ପୁଆ,୨୯।୨(ମହେଶ୍ୱର ଦାସ)

କାୟାକଳ୍ପ ପ୍ରତିନିଧି ଦଳ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପରିଦର୍ଶନ କରିବା ସହିତ ଚିକିତ୍ସାଳୟର ବିଭିନ୍ନ ଦିଗପ୍ରତି ତର୍ଜମା କରିଥିବା ଜଣାଯାଇଛି। ପ୍ରତିନିଧି ଦଳ ଆନୁସାଙ୍ଗିକ ବ୍ୟବସ୍ଥା ତଦାରଖ କରିବା ସହିତ ସ୍ୱାସ୍ଥ୍ୟସେବା ନେଇ ରୋଗୀ, କର୍ମଚାରୀ, ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷ ଭାବରେ ଦଳ ଓପିଡି, ନିରାମୟ, ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ, ମେଡିସିନ ଷ୍ଟୋର, ଔଷଧୀୟ ବଗିଚା, ରୋଷେଇ ଗୃହ, ଲଣ୍ଡ୍ରି, ଆଶୁଚିକିତ୍ସା, ଅପରେସନ ଥିଏଟର,ଏମ୍‌ସିଏଚ ଆଦି ବୁଲିଦେଖିବା ସହିତ ଡାକ୍ତର, ନର୍ସ ମାନଙ୍କ ସହ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରତିନିଧି ଦଳରେ ସହ ନିର୍ଦ୍ଦେଶକ(ଟିବି) ଡା. ଅର୍ଘ ପ୍ରଧାନ, ପିପିପି କନ୍‌ସଲଟାଣ୍ଟ ସନ୍ତୋଷ କୁମାର ନାୟକ, ଏନ୍‌ଆଇପିଆଇ ଏସ୍‌ପିଏମ ଦିପକ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚିକିତ୍ସାଳୟ ପରିଦର୍ଶନ କରିଥିବା ବେଳେ ଡା. ଯୋଗେନ୍ଦ୍ର ନାଥ ଅଧିଆ, ଡା. ଧର୍ମପଦ ଦାସ ମହାପାତ୍ର, ଡା. ସୁନାରାମ ମୁର୍ମୁ, ଜ୍ୟୋତିରଞ୍ଜନ ମଲ୍ଲିକ, ଡା. ଚିରଞ୍ଜିବି ଚୌଧୁରୀ, ଡା. ଦିପଙ୍କର ନାଏକ, ଡା. ସୁମିତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଖଣ୍ଟଘରରେ ଖୋଲିଲା ଆମ ବ୍ୟାଙ୍କ ସେବା

ଢେଙ୍କିକୋଟ,୨୯।୨(ନୀଳମଣି ମଣ୍ଡଳ)

ରାଜ୍ୟ ସରକାରଙ୍କ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟ ଆମ ବ୍ୟାଙ୍କ ସେବା ଯୋଜନାରେ କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଖଣ୍ଟଘର ପଞ୍ଚାୟତ ପରିସରରେ ଆମ ବ୍ୟାଙ୍କ ସେବା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂରେ ରାଜ୍ୟର ବିଭିନ୍ନ ବ୍ୟାଙ୍କ ସେବା ଶୁଭାରମ୍ଭ କରିବା ପରେ ଖଣ୍ଟଘର ପଞ୍ଚାୟତରେ ସରପଞ୍ଚ ବୈଜୟନ୍ତୀ ନାୟକ ଫିତା କାଟି ଉଦ୍‌ଘାଟନ କରିଥିଲେ। ପଞ୍ଚାୟତର କାଶିବେଡ଼ା, ଖଣ୍ଟଘର, ତଣ୍ଡିବେଡ଼ା ଏବଂ ମହୁଲଗାଡ଼ିଆର ସମସ୍ତ ପଞ୍ଚାୟତବାସୀ ଆମ ବ୍ୟାଙ୍କ ସେବାକେନ୍ଦ୍ରରେ ରାଷ୍ଟ୍ରାୟତ ବ୍ୟାଙ୍କ ସେବା ଶୂନ୍ୟ ରାଶି ଜମାଖାତା ଖୋଲି ପାରିବେ। ମାସକୁ ସର୍ବାଧିକ ୪ ଥର ବ୍ୟାଙ୍କ ପାସ ବହିରୁ ଟଙ୍କା ଉଠାଇପାରିବେ। ପାଖ ବ୍ୟାଙ୍କଠାରୁ ପାସ ବହି ସ୍ଥାନାନ୍ତର କରିପାରିବେ । ବ୍ୟାଙ୍କର ଅନ୍ୟ ଖାତାରେ ଟଙ୍କା ଜମା କରି ପାରିବେ ବୋଲି ସରପଞ୍ଚ କହିଥିଲେ। ଅନୁଷ୍ଠିତ ସଭାକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିତ୍ରସେନ ମହାନ୍ତ, ଗ୍ରାମ ରୋଜଗାର ସେବକ ମନମୋଥ ସାହୁ, ବ୍ଲକ୍ ଜୁନିୟର ଇଞ୍ଜିନିୟର ପ୍ରତାପଚନ୍ଦ୍ର ବିହାରୀ ସହଯୋଗ କରିଥିବା ବେଳେ ପଞ୍ଚାୟତର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଉପସ୍ଥିତ ଜନସାଧାରଣଙ୍କୁ ପାଲା ମାଧ୍ୟମରେ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟା ସମ୍ପର୍କରେ ମଧ୍ୟ ସଚେତନ କରାଯାଇଛି।



ପଞ୍ଚାୟତ କର୍ମଚାରୀ ଓ ଗ୍ରାହକମାନେ।

## ସଂକ୍ଷେପରେ

### ଆନନ୍ଦପୁର ଉପ ଜିଲାପାଳଙ୍କ ବଦଳି

ଆନନ୍ଦପୁର,୨୯।୨(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ଉପ ଜିଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କ କନ୍ଧମାଳ ବଦଳି ହୋଇଛି। ତାଙ୍କ ସ୍ଥାନରେ ଗଜପତି ଜିଲା ପାରଳାଖେମୁଣ୍ଡି ପିଏ ଆଇଟିଡିଏରେ କାର୍ଯ୍ୟରତ ଫାଲଗୁନୀ ମାଝୀ ଯୋଗ ଦେବେ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଥିବା ବ୍ୟଜ୍ଞପ୍ତିରେ ପ୍ରକାଶ ପାଇଛି।

### ଚାଉଳ ଚୋରିକରି ଗିରଫ ହେଲେ ଯୁବକ

ଚମ୍ପୁଆ,୨୯।୨(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆ ଗ୍ରାମର ଜଣେ ଯୁବକଙ୍କୁ ଚାଉଳ ଓ ଟଙ୍କା ଚୋରି ଅଭିଯୋଗରେ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଚନ୍ଦ୍ର ମୋହନ ନାଏକ। ପୋଲିସ ଏକ ମାମଲା (ନଂ. ୯୯/୨୦୨୪) ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, କରଞ୍ଜିଆ ଗ୍ରାମର ପଦ୍ମିନୀ ନାଏକ ଓ ସ୍ୱାମୀ କାଙ୍ଗାଳି ଚରଣ ନାଏକ ଘରେ ଚାବି ମାରି ଏକ ବାହାଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଲା ଭାଙ୍ଗି ଘରୁ ୩୫ କେଜି ଚାଉଳ ସହିତ ଘରେଥିବା ୨୦୦୦ ଟଙ୍କା ନେଇଯାଇଥିଲେ। ବାହାଘରୁ ଉଭୟ ଫେରି ଘରେ ଚୋରି ହୋଇଥିବା ଜାଣିବା ପରେ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କୁ ପଚାରାଉଚରା କରିବାରୁ ଚନ୍ଦ୍ରମୋହନ ଚାଉଳ ବିକ୍ରି କରିବାକୁ ନେଉଥିବା ଜଣାପଡ଼ିଥିଲା। ପରେ ପୋଲିସ ଚନ୍ଦ୍ର ମୋହନକୁ ଗିରଫ କରିବା ସହିତ ତାଙ୍କଠାରୁ ୧୮୦୦ ଟଙ୍କା ଜବତ କରିଥିଲା।

### କୂଅରେ ପଡ଼ି ଶିଶୁକନ୍ୟା ମୃତ

ଯୋଡ଼ା,୨୯।୨(ମାନସ ରଞ୍ଜନ ମହାନ୍ତି): କେନ୍ଦୁଝର ଜିଲା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କଲ୍ଲୋ ହୁଣ୍ଡୁଳା ଗ୍ରାମରେ ଜଣେ ୪ ବର୍ଷର ଶିଶୁ କନ୍ୟାଙ୍କ କୂଅରେ ପଡ଼ି ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ସୁରଥ ମୁଣ୍ଡାଙ୍କ ୪ ବର୍ଷର ଶିଶୁ କନ୍ୟା ଘରଠାରୁ ଅନତି ଦୂରରେ ଖେଳୁଥିଲେ। ଏହି ସମୟରେ ଜମିରେ ଥିବା କୂଅରେ ପଡ଼ିଯାଇଥିଲେ। ତେବେ ପରିବାର ଲୋକେ ଖୋଜାଖୋଜି କରି ଉକ୍ତ କୂଅରେ ମୃତ ଅବସ୍ଥାରେ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୯/୨୪) ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ପ୍ରକାଶ କରିଛନ୍ତି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ଆନନ୍ଦପୁର,୨୯।୨(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍‌ର ଆଦିବାସୀ ବହୁଳ ଅଞ୍ଚଳ ଗୟଳମୁଣ୍ଡା, ମନୋହରପୁରର୭ଟିସ୍ଥାନରେଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ୭ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୫୩ ନଂ. ଜାତୀୟ ରାଜପଥ ଭିତରମୁଣ୍ଡ ରାସ୍ତାର ୧୦ କି.ମି. ବିଜୁସେତୁର ବ୍ରିଜ ନିର୍ମାଣ, ସୁନ୍ଦୁରିଆ ଠାରୁ ବାରୁଆଁ ୪ କୋଟି ଟଙ୍କା ବ୍ୟୟ ଅଟକଳର ରାସ୍ତା, ଧବଣୀଠାରୁ ମାରଣାଡ଼ିହି, ଦେଓଝରଣ ସ୍କୁଲଠାରୁ ଗୟଳମୁଣ୍ଡା କଲୋନୀ ସାହି, ଉଲ୍ଲୀବସାଠାରୁ ମାରାଣାଡିହି, ପୁତୁଝରିଠାରୁ ବାଦୁଡିଘେରା ରାସ୍ତାର ଶିଳାନ୍ୟାଶ କରିଥିଲେ। ଏହି ସମୟରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଅସିତ୍ ପାତ୍ର, କନିଷ୍ଠ ଯନ୍ତ୍ରୀ ରଜତ ସିଂ ଉପସ୍ଥିତ ଥିଲେ। ଏଥିସହ ମୁନମୁନି ପର୍ଯ୍ୟଟନ ସ୍ଥଳୀକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୨୪ କୋଟି ଟଙ୍କା ବ୍ୟୟରେ ୨୦ କି.ମିର ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଦୁର୍ଗା କନଷ୍ଟ୍ରକସନ ନାମକ ଠିକା ସଂସ୍ଥା ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନେଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗିରିଧାରୀ ମହାନ୍ତ, ଗୟଳମୁଣ୍ଡା ସରପଞ୍ଚ ଖିରୋଦ ମହାନ୍ତ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ କେଳୁ ଚରଣ ଦଳେଇ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଭାଗୀରଥି ସେଠୀ ଓ ଅନ୍ୟମାନେ।

# ସମବାୟ ସମିତି ପୂର୍ବତନ ସମ୍ପାଦକଙ୍କୁ ୩ ବର୍ଷ ଜେଲଦଣ୍ଡ

କେନ୍ଦୁଝର,୨୯।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଅର୍ଥ ହେରଫେର ଘଟଣାର ରାୟ ପ୍ରକାଶ ପାଇଛି। ଜଜ ରଶ୍ମିତା ଦଳେଇ ଦେଓଗାଁ ଏସ୍‌ସିଏସ୍ ଲିମିଟେଡ୍ ସମବାୟ ସମିତିର ପୂର୍ବତନ ସମ୍ପାଦକ (ଅବସରପ୍ରାପ୍ତ),

### ଅର୍ଥ ହେରଫେର ଘଟଣା

ଭାଗୀରଥି ଭୂୟାଁଙ୍କୁ ଅର୍ଥ ହଡ଼ପ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୨ ମାସ ଦଣ୍ଡାଦେଶ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ପୂର୍ବତନ ସମ୍ପାଦକ ଡେବଟ୍ ୱେଭର ଓ ଡେବଟ ରିଲିଫ ସ୍କିମ ୨୦୦୮ ରେ ୨୧ ଜଣ ଅଯୋଗ୍ୟ ଚାଷୀଙ୍କ ବାବଦରେ ୩ ଲକ୍ଷ ୨୪ ହଜାର ୯୩୦ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଓଡ଼ିଶା ଭିଜିଲାନ୍ସ ବିଭାଗ ତଦନ୍ତ କରି ପ୍ରମାଣ ପାଇବା ପରେ ତାଙ୍କ ବିରୋଧରେ ଚାର୍ଜ ଫର୍ଦ୍ଦ ଦାଖଲ କରିଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ପୂର୍ବତନ ସମ୍ପାଦକଙ୍କ ପେନ୍‌ସନ୍‌କୁ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ତାଙ୍କ ବିଭାଗକୁ ଲେଖିଥିବା ଜଣାପଡ଼ିଛି।

# କଣ୍ଟିଆପଡ଼ାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ପାଟଣା,୨୯।୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ପଞ୍ଚାୟତ ବଲାଣିପଶି, କଣ୍ଟିଆପଡା, ମାନପୁର୍, ଭଗପଶି ଓବାଟ ଧନୁର୍ଜୟପୁର ଗାଁରେ ଗୁରୁବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ମିତ୍ରଭାନୁ ମହାନ୍ତଙ୍କ ନେତୃତ୍ୱରେ ଘର ସମ୍ମୁଖରେ ବିଜେଡିର ଦଳୀୟ ଚିହ୍ନ ମାରିବା ସହ, ଜୟ ନବୀନ ପଟ୍ଟନାୟକ, ଆମ ଓଡ଼ିଶା ନବୀନ ଓଡ଼ିଶା, ଶଙ୍ଖ ଚିହ୍ନ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ଲୋକଙ୍କ ନାମ ସଂଗ୍ରହ କରାଯିବା ସହ ଲୋକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମହିଳା ସଭାନେତ୍ରୀ ସଂଯୁକ୍ତା ନାଏକ ଲକ୍ଷ୍ମୀ ନାଏକ, ଫୁଲଣା ମହାନ୍ତ, ବନ୍ଦିତା ନାଏକ, ଅଞ୍ଜଳି ମହାନ୍ତ, ଚମ୍ପା ମହାନ୍ତଙ୍କ ସମେତ ଚନ୍ଦ୍ରଭାନୁ ବେହେରା, ଫକୀର ବେହେରା, ମହେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ପାଟଣା,୨୯।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପଟଣା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ସାହରପଡ଼ା ବ୍ଲକ୍ ଡାଲପକା ପଞ୍ଚାୟତ କୁଦାବେଡ଼ା ଗ୍ରାମର କୁନା ମାଝୀ(୩୨)। ସୂଚନା ଅନୁଯାୟୀ, ପାଟଣା ଥାନା ଅଞ୍ଚଳର ଜଣେ ୨୩ ବର୍ଷୀୟା ମହିଳାଙ୍କୁ ଗତ ଶନିବାର ପିଲାଙ୍କ ସହ ଘରେ ଶୋଇଥିବା ବେଳେ କୁନା ଘରେ ପଶି ବଳପୂର୍ବକ ବଳାତ୍କାର କରିଥିଲା। ଏ ନେଇ ପୀଡ଼ିତା ମହିଳା ବୁଧବାର ପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଇଥିଲା। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୧୧୨/୨୪)ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

# ଗାଁରେ ମଦ ବନ୍ଦ କରିବାକୁ ମହିଳାଙ୍କ ଦାବିପତ୍ର

ପାଟଣା,୨୯।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍‌ଗଣ୍ଡବେଡ଼ା ପଞ୍ଚାୟତ ଦାସପଡ଼ା ଗ୍ରାମରେ ଦେଶୀ ମଦ ବ୍ୟବସାୟ ବନ୍ଦ କରିବାକୁ ମହିଳାମାନେ ଅଣ୍ଟା ଭିଡିଛନ୍ତି। ଏ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀର ୨୫ ରୁ ଊର୍ଦ୍ଧ୍ୱ ମହିଳା ଗୁରୁବାର ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ ଓ ପାଟଣା ଅବକାରୀ ଥାନାକୁ ଆସି ଦରଖାସ୍ତ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗାଁରେ ମହୁଲି ମଦ ପିଇ ଅନେକ ଯୁବକ ଅକାଳରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଯେତେ ପ୍ରକାରେ ବୁଝାଇଲେ ବି ଗ୍ରାମର କେତେ ଜଣ ମଦ ବିକ୍ରି କରିବା ବନ୍ଦ କରୁନାହାନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ବୁଝାଇବାକୁ ଗଲେ ମଦ ବ୍ୟବସାୟୀ ସେମାନଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରୁଛନ୍ତି। ମମତା ନାୟକ, ନନ୍ଦିନୀ ନାଏକ, ସଞ୍ଜୁ ଲତା ନାୟକ, ଜେମାମଣି ନାୟକ, ମାଧୁରୀ ନାୟକ, ଗିତାଞ୍ଜଳି ନାୟକ ପ୍ରମୁଖଙ୍କ ନେତୃତ୍ୱରେ ମହିଳାମାନେ ଦାବି ଜଣାଇଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

# ଅନଭିଜ୍ଞ କର୍ମଚାରୀରେ ଚାଲିଛି ଡାଏଲିସିସ୍ ସେଣ୍ଟର

## ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ

ଆନନ୍ଦପୁର,୨୯।୨(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ନୂଆ କରି ଆରମ୍ଭ ହୋଇଥିବା ଡାଏଲିସିସ୍ ସେଣ୍ଟରରେ ଅବ୍ୟବସ୍ଥା ଦେଖାଯାଇଛି। ଅନଭିଜ୍ଞ କର୍ମଚାରୀ ସେଣ୍ଟର ଚଳାଉଥିବାରୁ କିଡ୍‌ନୀ ରୋଗୀ ଠିକ୍ ଭାବେ ସେବା ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଏଥିସହ ଚିକିତ୍ସାଳୟରେ ଅନ୍ୟାନ୍ୟ ପାନୀୟ ସମସ୍ୟା, ସ୍ୱଚ୍ଛତା ରହୁ ନ ଥିବା ଆଦି ସମସ୍ୟାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଉପଖଣ୍ଡର କିଡ୍‌ନୀ ରୋଗୀଙ୍କ ସୁବିଧା ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଡାଏଲିସିସି ସେବା ଯୋଗାଇ ଦେବାକୁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଏହି ସେବା ଆରମ୍ଭ ହୋଇଥିଲେ ମଧ୍ୟ ପରିଚାଳନାଗତ ତ୍ରୁଟି ଯୋଗୁ ରୋଗୀମାନେ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ସେଣ୍ଟରରେ ନିୟୋଜିତ ଅନଭିଜ୍ଞ କର୍ମଚାରୀମାନେ ଡାଏଲିସିସ ମେସିନ ଠିକ୍ ଭାବରେ ଚଳାଇ ପାରୁ ନ ଥିବାରୁ ଡାଏଲିସିସ୍ ପ୍ରକ୍ରିୟାରେ ବାଧା ଉପୁଜୁଛି। ରୋଗୀ ସିଦ୍ଧି ମୁଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୭ ତାରିଖରେ ତାଙ୍କର ଡାଏଲିସିସ ଚାଲିଥିବା ବେଳେ କର୍ମଚାରୀଙ୍କ ଅଭିଜ୍ଞତା ଯୋଗୁ ପାଣି ନ ଆସିବାରୁ ଡାଏଲେସିସ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥିଲା। ବ୍ଲଡ୍ ଡାଏଲେସିସ ପାଇଁ ଔଷଧ ଓ ଇଞ୍ଜେକସନ ରୋଗୀଙ୍କୁ କିଣିବାକୁ ପଡୁଥିବାରୁ ଅନେକ ରୋଗୀ ଅର୍ଥ ଅଭାବରୁ ଅକ୍ଷମତା ପ୍ରକାଶ କରି ଫେରିଯାଉଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ରର ପରିସ୍ରାଗାର ଓ ପାଇଖାନା ନିୟମିତ ଠିକ ସମୟରେ ସଫେଇ ହେଉ ନ ଥିବା ବେଳେ ରୋଗୀଙ୍କ ପାଇଁ ଦିଆଯାଉଥିବା ବେଡସିଟ୍ ନିୟମିତ ସଫେଇ ହେଉ ନ ଥିବା ରୋଗୀ ବାସନ୍ତୀ ହୋ ଅଭିଯୋଗ କରିଛନ୍ତି। କେନ୍ଦ୍ରରେ ୬ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲେ ହେଁ ରୋଗୀମାନଙ୍କୁ କେନ୍ଦ୍ର ଭିତରେ ସହାୟତା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏଥିସହ ଲାଗିଥିବା ଏୟାର କଣ୍ଡିସନର (ଏସି) ଗୁଡ଼ିକ ଠିକ୍ ଭାବେ ଚଳାଯାଉନାହିଁ। ଏନେଇ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀଙ୍କୁ ପଚରାଯାଇଥିବା ବେଳେ ସେ ଅଭିଯୋଗ ଭିତ୍ତିହୀନ ବୋଲି କହିଥିଲେ। ଅଭିଜ୍ଞ ପରିଚାଳକଙ୍କ ଦ୍ୱାରା ସେବା ଠିକ୍ ଚାଲିଥିବା କହିଥିଲେ।









## ବସନ୍ତ ପଞ୍ଚମୀ ମହୋତ୍ସବ ଉଦ୍‌ଘାଟିତ

**ରୂପସା, ୨୯।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅଧୀନ ଅମର୍ଦ୍ଦାରୋଡ଼ ହାଟପଡ଼ିଆଠାରେ ଶ୍ରୀ ଜଗନ୍ନାଥ ଏବଂ ସିଦ୍ଧେଶ୍ୱର ମନ୍ଦିର କମିଟି ଆନୁକୂଲ୍ୟରେ ସୋମବାର ସନ୍ଧ୍ୟାରେ ବସନ୍ତ ପଞ୍ଚମୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କମିଟି ସଭାପତି ବିନୋଦୀଲାଲ ଖଣ୍ଡେଲୱାଲ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ମହୋତ୍ସବ ଗ୍ରାମାଞ୍ଚଳର ଐତିହ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରେ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ସାରସକଣା ପାଲବିହାର ମହାବିଦ୍ୟାଳୟର ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ପରମେଶ୍ୱର ଦେ, ସମ୍ମାନିତ ବକ୍ତା ଭାବେ କେସିପି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଦୟାନିଧି ସାହୁ ମଞ୍ଚାସୀନ ହୋଇ ଉତ୍ସବ ପ୍ରେମ ପ୍ରୀତିର ନିଆରା ଅନୁଭୂତି ବାଣ୍ଟିଥାଏ ବୋଲି କହିଥିଲେ। କମିଟି ଉପସଭାପତି ପ୍ରଦୀପ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ସହ ସମ୍ପାଦକ କମଳାକାନ୍ତ ସୁର ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟି ଉପଦେଷ୍ଟା ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସିଦ୍ଧେଶ୍ୱର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ୧୨ଦିନ ବ୍ୟାପୀ ଅନୁଷ୍ଠିତ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ମହୋତ୍ସବ ସମନ୍ୱୟକାରୀ ସମୀର କୁମାର ଚନ୍ଦ, କାର୍ଯ୍ୟକର୍ତ୍ତା ଗୋକୁଳାନନ୍ଦ ପାତ୍ର, କାର୍ତ୍ତିକ ଚନ୍ଦ୍ର ସେନାପତି ଓ ଇନ୍ଦ୍ରଜିତ ଘୋଷଙ୍କ ସମେତ ସମସ୍ତ କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘରେ ରହି ପ୍ରେମ କଲେ, ସାଙ୍ଗରେ ନ ଯିବାରୁ ଛୁରି ଭୁସିଥିଲେ

**ଗୀତାଞ୍ଜଳି ହତ୍ୟାକାଣ୍ଡ**

■ ଅଭିଯୁକ୍ତ କାଳୁଙ୍କୁ ଖୋଜୁଛି ପୋଲିସ

**ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ ଜଳେଶ୍ୱର(ରବି ନାରାୟଣ ପାତ୍ର), ୨୯।୨**

ରାଜଧାନୀରେ ଏକତରଫା ପ୍ରେମରୁ ମହିଳାଙ୍କୁ ହତ୍ୟା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗରରେ ରହୁଥିବା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଗୋପୀମୋହନପୁର ପଞ୍ଚାୟତ ଛଅମଉଜ ଗ୍ରାମର ଗୀତାଞ୍ଜଳି ରଣଜିତ୍ ଓରଫ ଦୀପିକା ରାଣୀ ହତ୍ୟା ମାମଲାର ଦୁଇଦିନ ପରେ ବି ପୋଲିସ ଅଭିଯୁକ୍ତ କାଲୁଙ୍କୁ ଧରିପାରି ନାହିଁ। ହେଲେ ହତ୍ୟା ପଛର ରହସ୍ୟ ପାଇଛି ପୋଲିସ। କାଲୁ ଗୀତାଞ୍ଜଳିଙ୍କ ଘରେ ରହିବା ସହ ତାଙ୍କୁ ପ୍ରେମ କରୁଥିଲେ। ତାଙ୍କ ସହ ଫେରାର ହୋଇଯିବାକୁ ଗୀତାଞ୍ଜଳି ରାଜି ନ ହେବାରୁ ଏଥିରେ ଉକ୍ତ୍ୟକ୍ତ ହୋଇ କାଲୁ ତାଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଗୁରୁବାର ଝରଣା ସାହିସ୍ଥିତ ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ଟିମ୍ ପହଞ୍ଚି ପଚରାଉଚରା କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ଗୀତାଞ୍ଜଳି ୪ବର୍ଷ ତଳେ କୁଞ୍ଜବିହାରୀ ଦତ୍ତଙ୍କୁ ବିବାହ କରିଥିଲେ। ସେମାନଙ୍କର ୩ ବର୍ଷର ଝିଅଟିଏ ଅଛି। ୨୦୨୩ ମାର୍ଚ୍ଚରେ କୁଞ୍ଜବିହାରୀଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ବାଲେଶ୍ୱର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏହି ସମୟରେ ଗୀତାଞ୍ଜଳି ଘରୁ ଚାଲିଯାଇ ପାଖ ଖରିଦା ଗାଁର ଜଣେ ଯୁବକଙ୍କୁ ବିବାହ କରିଥିବା ଚର୍ଚ୍ଚା ହୋଇଥିଲା। କୁଞ୍ଜବିହାରୀ ସୁସ୍ଥ ହୋଇ ଘରକୁ ଫେରିବା ପରେ ତାଙ୍କ ସ୍ତ୍ରୀଙ୍କୁ ଘରକୁ ଆଣିଥିଲେ। ହେଲେ ପରିବାର ଲୋକେ ଗୀତାଞ୍ଜଳିଙ୍କୁ ବିରୋଧ କରିଥିଲେ। ତେଣୁ କୁଞ୍ଜବିହାରୀ ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ନେଇ କିଛିମାସ ହେବ ଭୁବନେଶ୍ୱର ଚାଲିଆସି ବାପୁଜୀନଗରରେ ଏକ ମୋବାଇଲ୍ ରିପେୟାରିଂ ଦୋକାନ କରିଥିଲେ। ସେମାନେ ଝରଣାସାହିରେ ଘରଭଡା ନେଇ ରହୁଥିଲେ। ତେବେ କାଲୁ ତାଙ୍କ ମୋବାଇଲ ଦୋକାନର କାଠ କାମ କରୁଥିବାବେଳେ ୨୦ ଦିନ ହେବ କୁଞ୍ଜବିହାରୀଙ୍କ ଘରେ ରହୁଥିଲେ। ଏହି ସମୟରେ ଗୀତାଞ୍ଜଳିଙ୍କୁ କାଲୁ ଏକତରଫା ପ୍ରେମ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ କୁଞ୍ଜବିହାରୀ ଦୋକାନରେ ଥିବାବେଳେ ଗୀତାଞ୍ଜଳିଙ୍କୁ ନେଇଯିବାକୁ କାଲୁ ବାଧ କରିଥିଲେ। ଗୀତାଞ୍ଜଳି ରାଜି ନ ହେବାରୁ କାଲୁ ଛୁରି ଭୁସି ଫେରାର ହୋଇଯାଇଥିଲେ। କଟକ ଏସ୍‌ସିବି ମେଡିକାଲରେ ବୁଧବାର ଗୀତାଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା।

# ଖରବା ଦୁମାଣି ସାହିକୁ ବିଦ୍ୟୁତ୍ ସଂଯୋଗ ଦାବି

**କେନ୍ଦୁଝର,୨୯।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

କେନ୍ଦୁଝର ଜିଲା ଅନ୍ତର୍ଗତ ପିଠାଗୋଡ଼ା ପଞ୍ଚାୟତ ଖରବା ଦୁମାଣି ସାହିକୁ ବିଦ୍ୟୁତ୍ ସଂଯୋଗ ଦାବି ହୋଇଛି। ଏ ନେଇ ବୁଧବାର ସାହିବାସିନ୍ଦା କେନ୍ଦୁଝର ଜିଲାପାଳ ବିଶାଲ ସିଂଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସାହିରେ ଖୁଣ୍ଟ ପୋତା ଯାଇଥିଲେ ହେଁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସାହିର ୫୦ ଆଦିବାସୀ ପରିବାର ଅନ୍ଧାରରେ ହଇରାଣ ହେଉଛନ୍ତି। ଏହାସହ ଛୋଟ ପିଲାମାନଙ୍କ ପାଠପଢ଼ାରେ ବାଧାସୃଷ୍ଟି ହେଉଛି। ସଞ୍ଜ ନଇଁଲେ ରାସ୍ତା ଘାଟ ଅନ୍ଧାର ହୋଇଯାଉଛି। ଏଣୁ ହାତୀ, ଭାଲୁ ଆଦି ବନ୍ୟପ୍ରାଣୀ ଗାଁ ମୁହାଁ ହେଉଥିବାରୁ ଲୋକେ ଭୟଭିତ ହେଉଛନ୍ତି। ସ୍ଥାନୀୟ ଖରବା ଗ୍ରାମରେ ବିଜୁଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ହେଁ ଖରବା ଦୁମାଣିସାହିବାସିନ୍ଦା ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ବିଦ୍ୟୁତ୍ ସଂଯୋଗ କରାଯିବାକୁ କ୍ଷୀରମଣୀ ସର୍ଦ୍ଦାର, ବିକାଶ ସର୍ଦ୍ଦାର, କଇଁତା ମୁଣ୍ଡା, ପ୍ରଦୀପ ମହାନ୍ତ, ପ୍ରମିଳା ସର୍ଦ୍ଦାର, ରୀନା ମହାନ୍ତ, ରେଖା ସର୍ଦ୍ଦାର, ଚମ୍ପା ସର୍ଦ୍ଦାର, ଯୋଶମତୀ ସର୍ଦ୍ଦାର, ପଦ୍ମାବତୀ ସର୍ଦ୍ଦାର, କର୍ମୁ ସର୍ଦ୍ଦାର ଅଭିଯୋଗ କରିଥିଲେ।

# ଭିନ୍ନକ୍ଷମ ପ୍ରତିଯୋଗିତାରେ ଭାଗ ନେଲେ ୪



**ଔପଦା, ୨୯।୨(ଧରିତ୍ରୀ ପଣ୍ଡା)**

ଔପଦା ବ୍ଲକସ୍ତରୀୟ ଆୟୋଜିତ ସ୍ଥାନୀୟ ଔପଦା ହାଇସ୍କୁଲ ପଡ଼ିଆରେ ଭିନ୍ନକ୍ଷମମାନଙ୍କୁ ନେଇ ପ୍ରତିଯୋଗିତାରେ ମାତ୍ର ୪ ଜଣ ଭିନ୍ନକ୍ଷମ ଭାଗ ନେଇଛନ୍ତି। ସରକାର ଭିନ୍ନକ୍ଷମମାନଙ୍କୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ନେଉଥିବା ବେଳେ ବ୍ଲକରେ ଥିବା ୧୧ଟି ପଞ୍ଚାୟତ ମଧ୍ୟରୁ ସଦର ତଳକିଆ ପଞ୍ଚାୟତରୁ ପ୍ରତିଯୋଗିତାରେ ୪ ଜଣ ଭାଗ ନେଇଥିବା ବେଳେ ଅନ୍ୟ ପଞ୍ଚାୟତରୁ ଭିନ୍ନକ୍ଷମମାନେ ଭାଗ ନେଇ ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ବିଡିଓ ଆଦିକନ୍ଦ ବେହେରାଙ୍କୁ ପଚାରିବାରୁ କାର୍ଯ୍ୟକ୍ରମ ସମ୍ପର୍କରେ ସରପଞ୍ଚମାନଙ୍କୁ ଫୋନ୍ ଦ୍ୱାରା ଜଣାଯାଇଛି ବୋଲି କହିଛନ୍ତି। ଏହି ଭିନ୍ନକ୍ଷମ ପ୍ରତିଯୋଗିତାରେ ତଳକିଆ ପଞ୍ଚାୟତ ମାଟିଗଡ଼ା ଗ୍ରାମର ଗଙ୍ଗାଧର ପୃଷ୍ଟିଙ୍କ ପାଠ ପଢୁଆ ଭିନ୍ନକ୍ଷମ ଝିଅ ପଦ୍ମାବତୀ ପୃଷ୍ଟି ପ୍ରଥମ ହୋଇଥିବାରୁ ଜିଲାସ୍ତରକୁ ଯିବା ପାଇଁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମକୁଳ ରାଜ ଅଭିଷେକ କହିଛନ୍ତି। ପ୍ରତିଯୋଗିତାରେ ବିଡ଼ିଓ ବେହେରା, ସମାଜ ମଙ୍ଗଳ ଅଧିକାରୀ ଅଭିଷେକ, ଯନ୍ତ୍ରୀ ମହେନ୍ଦ୍ର ପରମାଣିକ ଉପସ୍ଥିତ ଥିଲେ।

# ଚାଷରେ କୀଟନାଶକର ନିରାପଦ ବ୍ୟବହାର ଲାଗି ପ୍ରଶିକ୍ଷଣ

**ଜଳେଶ୍ୱର, ୨୯।୨(ରବିନାରାୟଣ ପାତ୍ର)**

ବିଭିନ୍ନ ରାସାୟନିକ ସାର ବ୍ୟବହାର ଯୋଗୁ ମାତ୍ରାଧିକ ରୋଗ ପୋକ ଦେଖାଦେଉଛି। ଏହାର ନିରାକରଣ ଲାଗି ବ୍ୟବହୃତ କୀଟନାଶକର ନିରାପଦ ବ୍ୟବହାର ସମ୍ପର୍କରେ ବ୍ଲକ ସ୍ତରୀୟ କୃଷକ ଓ କୃଷି କର୍ମଚାରୀଙ୍କର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର କୃଷି ଓ ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ବ୍ଲକ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ଅଞ୍ଚଳରୁ ୫୦ଜଣ କୃଷକ ଓ ବହୁ କୃଷି କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ପ୍ରଶିକ୍ଷକ ଭାବେ ଜଳେଶ୍ୱର କୃଷି ଜିଲା ଅଧିକାରୀ ରାଜୀବ ଲୋଚନ ବେହେରା, ସହକାରୀ କୃଷି ଅଧିକାରୀ ରଘୁନାଥ ଦାସ, ବାଲେଶ୍ୱରର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ଗିରି ଉପସ୍ଥିତ ରହି ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ପଦ୍ମଲୋଚନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏପରି ପ୍ରଶିକ୍ଷଣ ଶିବିର ପ୍ରତି ଗାଁରେ ଅନୁଷ୍ଠିତ କରିବାକୁ ବହୁ କୃଷିଜୀବୀ , ଉଠିଆ କୃଷକ ଓ କୃଷକ କ୍ଲବ ଦାବି କରିଛନ୍ତି ।

## ଉଦ୍‌ଯାପିତ ହେଲା ସାଂସଦ ଖେଳ ମହାକୁମ୍ଭ

# ଖେଳର ଗୁଣବତ୍ତା ବଢ଼ାଇବା ପାଇଁ ଆହ୍ୱାନ

**ବାଲେଶ୍ୱର, ୨୯।୨(ମାନସ ବିଶ୍ୱାଳ)**

ବାଲେଶ୍ୱର ସହରସ୍ଥିତ ପରମିଟ ପଡ଼ିଆରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ସାଂସଦ ଖେଳ ମହାକୁମ୍ଭର ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ଖେଳର ବିଶେଷତ୍ୱ ଓ ଉପକାରିତା ସମ୍ପର୍କରେ କହିବା ସହ ଭାରତୀୟ ଖେଳର ଗୁଣବତ୍ତା ବଢ଼ାଇବା ପାଇଁ ଆହ୍ୱାନ ଦେଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ଅନୁରାଗ ଠାକୁର ଆଭାସୀ ମାଧ୍ୟମରେ ଓ ମଞ୍ଚରେ



ସାଂସଦ ଖେଳ ମହାକୁମ୍ଭର ଧ୍ୱଜା ଅବତରଣ।

ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, କ୍ରୀଡ଼ା ସଂଗଠନର ଉପସଭାପତି ଜଗଦୀଶ ବେହେରା ଯୋଗଦେଇଥିଲେ। ଅତିଥିମାନେ ସାଂସଦ ଖେଳ ମହାକୁମ୍ଭର ଭୂୟସୀ ପ୍ରଶଂସା କରିଥିବା ବେଳେ ଏଥିରେ ଭାଗ ନେଇଥିବା ଓ ସାହାଯ୍ୟ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଇଲିୟାନା ସିତାରିଷ୍ଟି ଇଟାଲୀର ନାଗରିକ ହୋଇଥିଲେ ହେଁ ସ୍ପଷ୍ଟ ଓଡ଼ିଆରେ ଉଦ୍‌ବୋଧନ ଦେଇ ସମସ୍ତଙ୍କୁ ଚକିତ କରିଥିଲେ। ସାଂସଦ ଖେଳ ମହାକୁମ୍ଭରେ ୧୭୦୦୦ରୁ ଊର୍ଦ୍ଧ୍ୱ ଖେଳାଳୀ ଉଭୟ ପୁରୁଷ ଓ ମହିଳା ବିଭାଗର ସିନିୟର୍ ଓ ଜୁନିଅର ଶ୍ରେଣୀରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ ସଂସଦୀୟ କ୍ଷେତ୍ରର ୭୮ ସ୍କୁଲକୁ ସ୍ମାର୍ଟ କ୍ଲାସ, ୫୦ଟି ଗାଆଁକୁ ନଳକୂପ ଓ ୩୫୦ ବିଦ୍ୟୁତ ଚାଳିତ ସିଲେଇ ମେଶିନ ବଣ୍ଟନ କରିଥିଲେ। ବିଜେତା ଓ ଉପବିଜେତା ପ୍ରତିଯୋଗୀଙ୍କୁ ନଗଦ ପୁରସ୍କାର ସହିତ ମେଡାଲ ଟ୍ରଫି ବଣ୍ଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଓ ଜାଗୃତି ବାଲେଶ୍ୱର ଦ୍ୱାରା ଆଦିବାସୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଧ୍ୱଜା ଅବତରଣ ଓ ମଶାଲ ନିର୍ବାପିତ କରିବା ପରେ ଆଇନଜୀବୀ କିରଣ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।

# ସୁନ୍ଦରପୁର ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଖଇରା,୨୯।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ସୁନ୍ଦରପୁରଠାରେ ମା' ତାରିଣୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପଶ୍ଚିମବଙ୍ଗ, ତାଳଚେର, ବାଲେଶ୍ୱର, ଭୁବନେଶ୍ୱର, ଅନୁଗୁଳ, ଭଦ୍ରକ, ସମ୍ବଲପୁର ଜିଲାରୁ ମୋଟ ୮ଟି ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଭଦ୍ରକର ଇମେଜ ଇଲେଭେନ ଭୁବନେଶ୍ୱରର କମାଣ୍ଡୋ ଇଲେଭେନକୁ ୬ ଉଇକେଟରେ ପରାସ୍ତ କରି ୨୦୨୪ର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । ସିତାଂଶୁ ସତ୍ୟପ୍ରିୟ ରାଉତ ଓ ଜ୍ୟୋତି ପ୍ରକାଶ ଜେନା ମ୍ୟାଚ ପରିଚାଳନା କରିଥିଲେ। ବୁଦ୍ଧଦେବ ମହାରଣା ଧାରା ବିବରଣୀ ଓ ମାନସ ପାତ୍ର ସ୍କୋର ଦାୟିତ୍ୱ ତୁଲାଇଥିଲେ।



ଅତିଥିମାନେ ଚାମ୍ପିୟନ ଇମେଜ ଇଲେଭେନ ଟିମ୍‌କୁ ପୁରସ୍କୃତ କରିଥିଲେ ।

ବିଶିଷ୍ଟ ବ୍ୟବସାୟୀ ବିଶ୍ୱଜିତ ଜେନା ମୁଖ୍ୟଅତିଥି, ସୃଜୟ ବିଶ୍ୱାଳ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ସିଲ୍ଡ ସହ ୫୦ହଜାର ଓ ରନର୍ସ ଅପ ଦଳକୁ ୩୦ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିଭଳି ପ୍ରଥମ ସେମିଫାଇନାଲରେ କଳା, ସଂସ୍କୃତି ବିଭାଗ ରାଜ୍ୟ ସମ୍ପାଦକ ଶଶିକୁମାର ସାହୁ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ହିରାଲାଲ ମେଣ୍ଡିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ବିଶ୍ୱରଞ୍ଜନ ସାହୁଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା ।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ରୂପସା, ୨୯।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ୧୬ ନମ୍ବର ଜାତୀୟ ରାଜପଥର ସଦର ବ୍ଲକ ଅଧୀନ ହଳଦୀପଦା ରାଜଧାନୀ ଢ଼ାବା ନିକଟରେ ଅଜଣା ଗାଡ଼ି ଧକ୍କାରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ବସ୍ତା ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଉକ୍ତ ହୋଟେଲ ନିକଟରେ କୌଣସି ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କରେ ସ୍ଥାନୀୟ ଲୋକେ ପୋଲିସ କଣ୍ଟ୍ରୋଲ ରୁମ୍ ଓ ଜାତୀୟ ରାଜପଥ ପହରା ପୋଲିସ ଭ୍ୟାନକୁ ଖବର ଦେଇଥିଲେ। ଖବରପାଇ ପୋଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ରାଜପଥ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କର କୌଣସି ପରିଚୟ ମିଳି ନ ଥିବା ବେଳେ ବାମ ହାତରେ ସୁରେନ୍ଦ୍ର ଅଙ୍କା ଯାଇଥିବା ଏକ ଟାଟୁ ଚିହ୍ନଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୪୧/୨୪) ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ଭାରସାମ୍ୟ ହରାଇ ଓଲଟିଲା ଟ୍ରାକ୍ଟର, ଡ୍ରାଇଭର ମୃତ

ରୂପସା, ୨୯।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ରାଜଘାଟ ବାଲିଆପିଟା ପୋଲ ନିକଟରେ ଗୁରୁବାର ଏକ ମାଟି ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟିବା ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ସନ୍ତୋଷପୁର ଗ୍ରାମର ନାଥ ମାର୍ଣ୍ଡି(୫୫)। ସକାଳ ସମୟରେ ଥେଙ୍ଗଡ଼ିହା ଗ୍ରାମରୁ ମାଟି ବୋଝେଇ କରି ଏକ ଟ୍ରାକ୍ଟର ମୟୂରଭଞ୍ଜ ଜିଲା ଗାଁ ଅମର୍ଦ୍ଦାକୁ ଯାଉଥିବା ବେଳେ ବାଲିଆପିଟା ପୋଲ ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଡ୍ରାଇଭର ଜଣକ ଟ୍ରାକ୍ଟର ତଳେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ରାସଗୋବିନ୍ଦପୁର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ମନ୍ମଥ-ମନୋଜ ଐତିହ୍ୟ ସ୍ମାରକୀ ଅନୁଧ୍ୟାନ କଲେ ୫-ଟି ଅଧ୍ୟକ୍ଷ

ଭୋଗରାଇ, ୨୯।୨( ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମୁଦ୍ରକୁଳିଆ ଗାଁ ଶଙ୍ଖାରି ଗ୍ରାମରେ ଜନ୍ମିତ ଐତିହାସିକ ଡ. ମନ୍ମଥ ନାଥ ଦାସ ଓ ସାରସ୍ୱତ ସାଧକ ଡ. ମନୋଜ ଦାସଙ୍କ ଐତିହ୍ୟ ସ୍ମାରକୀକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବାର ଗୋଟିଏ ଦିନ ପରେ ୫-ଟି ଓ ନୂଆ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ହେଲିକପ୍ଟର ଯୋଗେ ଭୋଗରାଇ ଶଙ୍ଖାରି ଗ୍ରାମରେ ପହଞ୍ଚିଥିଲେ। ସେ ଏହି ଦୁଇ ବରପୁତ୍ରଙ୍କ ନୂତନ ଭାବେ ଗଢି ଉଠିଥିବା ଐତିହ୍ୟ ସ୍ମାରକୀସ୍ଥଳକୁ ଅନୁଧ୍ୟାନ କରି ଫେରିଛନ୍ତି। ନୂଆ ଓଡିଶା ଅଧ୍ୟକ୍ଷ ପାଣ୍ଡିଆନଙ୍କୁ ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ସମେତ ବହୁ ଜନପ୍ରତିନିଧି, ଆଶାୟୀ ଦଳୀୟ ପ୍ରାର୍ଥୀ, ମହିଳା ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ଜଣାଇଥିଲେ। ଓଡିଶା ସଂସ୍କୃତି ବିଭାଗ ପକ୍ଷରୁ ୧୬କୋଟି ଟଙ୍କା ବ୍ୟୟରେ ଇଣ୍ଟାକ ଓ ପୂର୍ତ୍ତ ବିଭାଗ ଦ୍ୱାରା



ସ୍ମାରକୀସ୍ଥଳକୁ ବୁଲି ଦେଖୁଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ନିର୍ମିତ ଏହି ଐତିହ୍ୟ ସ୍ମାରକୀସ୍ଥଳକୁ ଠିକ୍ ଭାବେ ଅନୁଧ୍ୟାନ କରିବା ସହିତ ଦୁଇ ଭାଇ ଐତିହାସିକ ମନ୍ମଥ ନାଥ ଦାସ ଓ ସାରସ୍ୱତ ଜଗତର ଅନନ୍ୟ କଥାକାର ଡ଼ଃ ମନୋଜ ଦାସଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପାଠାଗାରରେ ନିଜ ଲେଖନୀରେ ରଚିତ ଦୁଇ ବରପୁତ୍ରଙ୍କ କାଳଜୟୀ ଅମୂଲ୍ୟ ପୁସ୍ତକ, ଗୃହ କାନ୍ଥରେ ସୁନ୍ଦର ଫଟୋଚିତ୍ର ବୁଲି ଦେଖିଥିଲେ। ୫-ଟି ଅଧ୍ୟକ୍ଷଙ୍କୁ ସ୍ୱାଗତ ଲାଗି ଅପେକ୍ଷାରତ ଜନପ୍ରତିନିଧି ଓ ମହିଳାଗୋଷ୍ଠୀଙ୍କୁ ବସ୍ତା ପୋଲିସ ଏସ୍‌ଡିପିଓ ଅରୁଣ କୁମାର ସାହୁ ଚଢାଗଳାରେ ସେଠାରୁ ବାହାର କରିଦେବା ପାଇଁ କହିବାରୁ ଜନପ୍ରତିନିଧି ପ୍ରତିବାଦ କରିବା ସହିତ କିଛି ସମୟ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଗଣମାଧ୍ୟମ ପ୍ରତିନିଧି ଏହି ସମୟରେ ଫଟୋ ଉଠାଉଥିବା ବେଳେ ପୋଲିସ ଅଧିକାରୀ ମୋବାଇଲକୁ ଛଡାଇ ନେଇ ଫଟୋ ଡିଲିଟି କରିବା ପାଇଁ ବାଧ୍ୟ କରିଥିଲେ । ପୋଲିସ ଅଫିସରଙ୍କ ଏଭଳି ଆଚରଣକୁ ସବୁ ମହଲରେ ନିନ୍ଦା କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ଡିପିଓ ସାହୁଙ୍କୁ ପଚରାଯିବାରୁ ଭୁଲବଶତଃ ଏହା ହୋଇଥିବା ସେ କହିଛନ୍ତି।

## ଗ୍ରୀଷ୍ମକାଳୀନ ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ଟିପିଏନ୍‌ଓଡିଏଲ୍ ପ୍ରସ୍ତୁତ

ବାଲେଶ୍ୱର, ୨୯।୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଚଳିତବର୍ଷର ଗୀଷ୍ମକାଳୀନ ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନେବା ସହ ପ୍ରସ୍ତୁତ ରହିଥିବା ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜାଦାସ ବସକ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ଟିପିଏନ୍‌ଓଡିଏଲ୍ ଅଧୀନରେ ଥିବା ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲାଗୁଡ଼ିକରେ ୨୦.୫ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ବିଦ୍ୟୁତ୍ ସେବା ପ୍ରଦାନ କରିଆସୁଛି। ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ କରିବା ଲାଗି ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଚଳିତ ଗ୍ରୀଷ୍ମଋତୁରେ ପିକ୍ ଡିମାଣ୍ଡ (ଶୀର୍ଷ ଚାହିଦା) ୧୩୯୩ ମେଗାୱାଟ୍ ହେବ, ଯାହା ଗତବର୍ଷର ୧୨୬୭ ମେଗାୱାଟ୍ ତୁଳନାରେ ୧୨୬ ମେଗାୱାଟ୍ ଅଧିକ। ଏଥିପାଇଁ କମ୍ପାନୀ ପକ୍ଷରୁ ପ୍ରଯୁକ୍ତି



ଟିପିଏନ୍‌ଓଡିଏଲ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ପଦକ୍ଷେପ ଜରିଆରେ ନେଟ୍‌ୱର୍କର ସୁଦୃଢ଼ୀକରଣ, ଅତିରିକ୍ତ ଶ୍ରମଶକ୍ତି ଓ ସମ୍ବଳ, ଗ୍ରାହକ ପ୍ରାଥମିକତା ଆଭିମୁଖ୍ୟ ଉପରେ ଗୁରୁତ୍ୱ, ସୁରକ୍ଷା ପ୍ରବଧାନ, ନେଟ୍‌ୱର୍କରେ ଉନ୍ନତି, ଲୋଡ୍ ପୂର୍ବାନୁମାନ ଭଳି ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦିଆଯାଇ ଗ୍ରୀଷ୍ମପ୍ରବାହ ସମୟରେ ଗ୍ରାହକମାନଙ୍କୁ ଉନ୍ନତସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଥିବା ବିଭାଗୀୟ ପକ୍ଷରୁ କୁହାଯାଇଛି।

## ବାଲିଆପାଳକୁ ଏନଏସି ଘୋଷଣା ଦାବିରେ ବିକ୍ଷୋଭ




ବାଲିଆପାଳ ଯୁବ କଂଗ୍ରେସ ବାହାରିଥିବା ଶୋଭାଯାତ୍ରା।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ/ଅମୂଲ୍ୟ କୁମାର ଦାସ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୯।୨

ବାଲେଶ୍ୱର ଜିଲା ବାଲିଆପାଳକୁ ଏନ୍‌ଏସି ଘୋଷଣା ଦାବିରେ ଗୁରୁବାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜନ ନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲିଆପାଳ ଯୁବ କଂଗ୍ରେସ ପକ୍ଷରୁ ବାଲିଆପାଳ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରଯାଇଛି। ଯୁବ କଂଗ୍ରେସ ବ୍ଲକ ସଭାପତି ସୁବାସ ନାୟକଙ୍କ ନେତୃତ୍ୱରେ ଶହ ଶହ ଯୁବକ ଖଗଡାପାଳ ଶିବମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଖଗଡାପାଳ ଜଗନ୍ନାଥ ମନ୍ଦିର, ସିମୁଳିଆ ବଜାର, ବ୍ଲକ ଛକ, ପାରୁଳିଆ ଛକ ଜାମକୁଣ୍ଡା ଛକ ଦେଇ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡ ଯାଏ ଶୋଭାଯାତ୍ରା ଯାଇ ପୁଣି ବ୍ଲକ ସମ୍ମୁଖକୁ ବିଭିନ୍ନ ନାରାବାଜି ଦେଇ ଫେରିଥିଲେ। ବ୍ଲକ ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେଇଥିଲା। ଏହି ସଭାରେ ବରିଷ୍ଠ କଂଗ୍ରେସ ନେତା ରବିନାରାୟଣ ମହାନ୍ତି ଯୋଗଦେଇ ବାଲିଆପାଳକୁ ଯଥାଶୀଘ୍ର ଏନ୍‌ଏସି ଘୋଷଣା କରା ନ ଗଲେ ଆଗାମୀ ସୋମବାର ୨୮ ପଞ୍ଚାୟତରୁ ଦଶ ହାଜରରୁ ଅଧିକ ସ୍ୱାକ୍ଷର ସମ୍ବଳିତ ଏକ ଦରଖାସ୍ତ ବାଲିଆପାଳ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ମଧୁପୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୂରଲୀ ମୋହନ ସାହୁ, ଯୁବ କଂଗ୍ରେସ ନେତା ତୀର୍ଥ କୁମାର ନାଗ, ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଯୁବ କଂଗ୍ରେସ ସମ୍ପାଦକ ବିକାଶ ବାରିକ, ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ବ୍ଲକ କଂଗ୍ରେସ ମିଡ଼ିଆ ସେଲର ପଙ୍କଜ କୁମାର ସାହୁ, ବିଶ୍ୱଜିତ ପ୍ରଧାନ, ବିଜୟ ନାୟକ, ମୃଣ୍ମୟ କୁମାର ସିଂ,ପ୍ରଶାନ୍ତ କୁମାର ଦାସ, ଶିବ ବାରିକ, ହୃଷିକେଶ ପଣ୍ଡାଙ୍କ ସହିତ ବହୁ କଂଗ୍ରେସ ବରିଷ୍ଠ ନେତା ଓ କର୍ମୀ ବିକ୍ଷୋଭରେ ଯୋଗ ଦେଇଥିଲେ। ଯଦି ବାଲିଆପାଳକୁ ନୂଆ ଏନ୍‌ଏସି ତାଲିକାରେ ସ୍ଥାନ ଦିଆ ନ ଯାଏ ତା'ହେଲେ ହକ୍ ପାଇଁ ଲଢେଇ ଜାରି ରହିବ। ଏହି ଲଢ଼େଇରେ ଖୁବଶୀଘ୍ର ବ୍ଲକ ସମ୍ମୁଖରେ ଅନରଣ ଅନଶନ କରାଯିବାର ଚେତାବନୀ ଦେଇଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ଗେଟରେ ତାଲା ପକାଇଲେ ଗ୍ରାମବାସୀ

ସୋର, ୨୯।୨(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ମାଣତ୍ରୀ ପଞ୍ଚାୟତରେ ସିଏସପି (କଷ୍ଟମର ସର୍ଭିସ ପଏଣ୍ଟ) ପ୍ଲସ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗରେ ଗ୍ରାମବାସୀ ଗୁରବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ବନ୍ଦ କରିବା ସହିତ ଧାରଣାରେ ବସିଥିଲେ। ସରପଞ୍ଚ କିମ୍ବା ପିଇଓ କୌଣସି ନିଯୁକ୍ତି ବିଜ୍ଞାପନ ବାହାର ନ କରି ଜନସାଧାରଣଙ୍କୁ ନ ଜଣାଇ ଏକ ନିର୍ଦ୍ଦିଷ୍ଟ ଦଳର ଲୋକଙ୍କୁ ନିଯୁକ୍ତି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ସୋର ବିଡ଼ିଓଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ପଞ୍ଚାୟତ ଗେଟରେ ତାଲା ପକାଇ ଦୀର୍ଘ ସମୟ ଧାରଣାରେ ବସିଥିଲେ। ଅପରାହ୍ନରେ ସୋର ବିଡ଼ିଓ ସତ୍ୟନାଥ ନାୟକ, ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଓ ୟୁକୋ ବ୍ୟାଙ୍କର କର୍ମଚାରୀ ଧାରଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ନିଯୁକ୍ତି ଦିଆଯାଇଥିବା ୨ଜଣଙ୍କୁ ସ୍ଥଗିତ କରାଯାଇ ଆଗାମୀ ଦିନରେ ନିଯୁକ୍ତି ବିଜ୍ଞାପନ ଓ ପଞ୍ଚାୟତ ପକ୍ଷରୁ ଢ଼ାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯିବା ସହିତ ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ସାକ୍ଷାତକାର କରାଯାଇ ନିଯୁକ୍ତି ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

# ଧାରଣାରେ ବସିଲେ ୱାର୍ଡମେମ୍ବର

### ପିଇଓଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

ରୂପସା, ୨୯।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଗଡ଼ପଦା ପଞ୍ଚାୟତର ପିଇଓ ରଞ୍ଜିତା ଶତପଥିଙ୍କ ମନମୁଖୀ କାର୍ଯ୍ୟ, ପକ୍ଷପାତିତା ଓ ଦୁର୍ବ୍ୟବହାରକୁ ନେଇ ଗୁରୁବାର ଉତ୍ତେଜନା ଦେଖାଦେଇଛି। ପ୍ରତିବାଦରେ ୱାର୍ଡ଼ମେମ୍ବର ରଶ୍ମିତା ପଣ୍ଡା, ପୂଜା ସିଂ, ଆରତୀ ବେହେରା, ଲକ୍ଷ୍ମୀମଣି ସିଂ, ଫକୀରମୋହନ ପ୍ରଧାନ ଓ ନାଏବ ସରପଞ୍ଚ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସରପଞ୍ଚ ସଂଯୁକ୍ତା ନାୟକ ଓ ସମିତିସଭ୍ୟ ହମିଦ ଖାନ ବୁଝାଶୁଝା କରିଥିଲେ ହେଁ ଆନ୍ଦୋଳନକାରୀ ୱାର୍ଡ଼ମେମ୍ବରମାନେ ପିଇଓ ଶତପଥୀଙ୍କ ବଦଳି ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଶେଷରେ ଏମ୍‌ପି ପ୍ରତିନିଧି ପ୍ରଦୀପ ପଣ୍ଡା, ସମବାୟ ସମିତି ସଭାପତି ଦେବାଶିଷ ମହାପାତ୍ର, ପୂର୍ବତନ ସମିତି ସଭାପତି ହରେନ୍ଦ୍ର କୁମାର ଦାସ ପହଞ୍ଚି ଆଲୋଚନା କରିଥିଲେ। ବିଡ଼ିଓ ମୋହିନୀ କୁମାର ନାଏକଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ତଦନ୍ତ ପୂର୍ବକ ତୁରନ୍ତ



ଧାରଣାରେ ୱାର୍ଡମେମ୍ବରମାନେ ବସିଛନ୍ତି।

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡ଼ିଓ ଫୋନ ଯୋଗେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୭ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରା ନ ଗଲେ ପୁଣି ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

ଗୁରୁବାର ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଥିଲା। ଅଭିଯୋଗକାରୀ ୱାର୍ଡ଼ମେମ୍ବରମାନେ ପିଇଓଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା କରିଥିଲେ। ପିଇଓ ଜଣେ ସରକାରୀ ଅଧିକାରୀ ହୋଇ ଦଳୀୟ କର୍ମୀଙ୍କ ବାଇକରେ ବସି ଅଫିସ ଓ ୱାର୍ଡକୁ ଯିବା ଆସିବା କରିବା, ସରପଞ୍ଚଙ୍କ ଶ୍ୱଶୁର ନାରାୟଣ ନାୟକ ପଞ୍ଚାୟତରେ ଭଡ଼ା ବାଣ୍ଟିବା ଓ ଅଫିସ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ପିଇଓ ପ୍ରଶ୍ରୟ ଦେବା, ବିଭିନ୍ନ ୱାର୍ଡରେ ୱାର୍ଡ଼ମେମ୍ବରଙ୍କୁ ନ ଜଣାଇ ପିଇଓ ନିଜ ଇଚ୍ଛାରେ କାର୍ଯ୍ୟ କରିବା ଓ ଭଡ଼ା ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ କରିଥିଲେ। ବୈଠକରେ ପିଇଓ ରଞ୍ଜିତା ଶତପଥି ୱାର୍ଡମେମ୍ବର ମାନଙ୍କୁ ଦୁର୍ବ୍ୟବହାର କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ପ୍ରତିବାଦରେ ସେମାନେ ଧାରଣାରେ ବସିଥିଲେ। କୌଣସି ସମାଧାନ ହୋଇ ନ ପାରିବାରୁ କିଛି ସମୟ ପରେ ସରପଞ୍ଚ ଓ ପିଇଓ ଅଫିସରୁ ପଳାଇଥିଲେ। ଏ ସମ୍ପର୍କରେ ପିଇଓ ଶତପଥିଙ୍କୁ ପଚରାଯିବାରୁ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଥିଲେ।

## ଭାଜପାର ନୂତନ ନିର୍ବାଚନୀ ସଂଯୋଜକଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୨୯।୨(ରବିନାରାୟଣ ପାତ୍ର)

ନିକଟରେ ଭାଜପା ରାଜ୍ୟ ଶାଖା ପକ୍ଷରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ସଂଯୋଜକଙ୍କୁ ନିଯୁକ୍ତି ଦିଆଯାଇଛି । ରାଜ୍ୟ ସଭାପତି ମନମୋହନ ସାମଲ ସାଧାରଣ ନିର୍ବାଚନ ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସଂଯୋଜକ ଭାବେ ବରିଷ୍ଠ ନେତା ଶାନ୍ତନୁ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଥିବା ଜଣାଯାଇଛି। ଭାଜପା କାର୍ଯ୍ୟାଳୟରେ କର୍ମୀମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ଜିଲା ଉପସଭାପତି ପ୍ରବୀର ପ୍ରଧାନ, ଯୁବନେତା ସିଦ୍ଧାର୍ଥ ଶଙ୍କର ପାଳ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ବିଶ୍ୱରୂପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ୟ, ଉଦ୍ୟମ ଦ୍ୱାରା ସଫଳତା ପ୍ରାପ୍ତି ହୁଏ

### ମହତୀପୁର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ

ଖଇରା, ୨୯।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ପାଣିଗ୍ରାହୀ ମୁଖ୍ୟବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମନ୍ତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଲକ୍ଷ୍ୟ ଓ ଉଦ୍ୟମ ଦ୍ୱାରା ସଫଳତା ପ୍ରାପ୍ତି ହୋଇଥାଏ ବୋଲି କହିଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ପାଣିଗ୍ରାହୀ, ଅଶୋକକୁମାର ଦାସ, ମୋ ସ୍କୁଲ ଅଭିଯାନର



ମଞ୍ଚାସୀନ ଅତିଥିଙ୍କ ଗହଣରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସଭାପତି ଦୋଳଗୋବିନ୍ଦ ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ପ୍ରାକ୍ତନ ସିଆରସିସି ଗୟାଧର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରମାକାନ୍ତ ଗିରି ଅତିଥି ପରିଚୟ ତୁଳସୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସୁବାସିନୀ ପ୍ରଧାନ, ଲିଲି ମଞ୍ଜରୀ ମହାରଥା, ସୁକାନ୍ତି ବିଶ୍ୱାଳ ଓ ସସ୍ମିତା ମହଲା ପ୍ରମୁଖ ସହଯୋଗ କରିଥିଲେ।

## କଲେଜରେ ୩ ସ୍କ୍ୱାଡ ଅଟକ

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ଭୋଗରାଇ, ୨୯।୨(ପ୍ରଦୀପ ଦାସ)

ଉଚ୍ଚ ମାଧ୍ୟମିକ ବିଜ୍ଞାନ ପରୀକ୍ଷା ଦେଉଥିବା ଛାତ୍ରୀଙ୍କୁ ୩ ସ୍କ୍ୱାଡ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପରୀକ୍ଷାର୍ଥୀମାନେ ସ୍କ୍ୱାଡକୁ କଲେଜ ପରିସରରେ ଦୀର୍ଘ ସମୟ ଅଟକରଖିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରି ନାରାବାଜି ପ୍ରଦର୍ଶନ କରିଥିଲେ । ପୋଲିସ ପହଞ୍ଚି ୩ କାଉନସିଲ ସ୍କ୍ୱାଡ଼କୁ ଉଦ୍ଧାର କରିଥିଲେ । ଏଭଳି ଘଟଣା ଭୋଗରାଇ ଅଞ୍ଚଳରେ ଚର୍ଚ୍ଚା ହୋଇଛି।

ସୂଚନା ଅନୁଯାୟୀ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କଟୁଆଡ଼ି ବୈକୁଣ୍ଠନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର କେମେଷ୍ଟ୍ରି ପରୀକ୍ଷା ଚାଲୁଥିଲା। ଏହି ସମୟରେ କାଉନସିଲ ପକ୍ଷରୁ ୩ ସ୍କ୍ୱାଡ ଅଚାନକ ପରୀକ୍ଷା ହଲ୍‌ରେ ପହଞ୍ଚି



ସ୍କ୍ୱାଡ୍‌କୁ ଛାତ୍ରୀମାନେ ଅଟକାଇଛନ୍ତି।

ପରୀକ୍ଷାର୍ଥୀଙ୍କୁ ଚେକିଂ କରିଥିଲେ। କେତେକ ଛାତ୍ରୀଙ୍କୁ ସ୍କ୍ୱାଡ ଚେକିଂ ବାହାନାରେ ଛାତ୍ରୀଙ୍କ ସମ୍ବେଦନଶୀଳ ସ୍ଥାନରେ ହାତ ଦେଇଥିଲେ ବୋଲି ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ପରେ କମର୍ଦ୍ଦା ପୋଲିସ ପହଞ୍ଚି ୩ ସ୍କ୍ୱାଡକୁ ସେଠାରୁ ଉଦ୍ଧାର କରିଥିଲେ। ଅପରପକ୍ଷରେ ଏଭଳି ଘଟଣା କପୋଳକଳ୍ପିତ ବୋଲି ସ୍କ୍ୱାଡ୍ ପକ୍ଷରୁ କୁହାଯାଇଛି।

## 'ବିକଶିତ ଭାରତ ପାଇଁ ସ୍ୱଦେଶୀ ଜ୍ଞାନକୌଶଳ ଶ୍ରେଷ୍ଠ'

### ଜାତୀୟ ବିଜ୍ଞାନ ଦିବସ ଓ ବାର୍ଷିକ ଉତ୍ସବ

ରୂପସା, ୨୯।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟର ସାଇନ୍ସ ସୋସାଇଟି ଆନୁକୂଲ୍ୟରେ ବୁଧବାର ଜାତୀୟ ବିଜ୍ଞାନ ଦିବସ ଏବଂ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଉତ୍ସବରେ ଅଧ୍ୟକ୍ଷତା କରି ବିଜ୍ଞାନ ବଳରେ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।

ମୁଖ୍ୟଅତିଥି ଭାବେ ପିଏକ୍ସଇ, ଚାନ୍ଦିପୁରର ପୂର୍ବତନ ଆଡିସନାଲ ଡାଇରେକ୍ଟର ଡ. କମଳାକାନ୍ତ ଚାନ୍ଦ, ମୁଖ୍ୟବକ୍ତା ମିତ୍ରପୁର ସ୍ୱର୍ଣ୍ଣଚୂଡ଼ କଲେଜର ପୂର୍ବତନ ପ୍ରାଧ୍ୟାପକ ଡ. ରତ୍ନାକର ମିଶ୍ର ଯୋଗଦେଇ ବିକଶିତ ଭାରତ ପାଇଁ ସ୍ୱଦେଶୀ ଜ୍ଞାନକୌଶଳର ଭୂମିକା ଶ୍ରେଷ୍ଠ ବୋଲି ବକ୍ତବ୍ୟରେ କହିଥିଲେ। ସୋସାଇଟି ସଭାପତି ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଉପସଭାପତି ଡେମନଷ୍ଟ୍ରେଟର ବାସନ୍ତୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଜ୍ଞାନ ମେଳା ଓ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ. ଅର୍ଦ୍ଧେନ୍ଦୁ ଶେଖର ଦାଶ, ଡ. ଶାନ୍ତନୁ କୁମାର ଜେନା ଓ ଅଧ୍ୟାପକ ଶ୍ରବଣ ନାୟକଙ୍କ ତତ୍ତ୍ୱାବଧାନରେ ୨୦୨୨-୨୩ ବର୍ଷର ବିଜ୍ଞାନ ସମ୍ମାନ ବିଭାଗର ୬ଜଣ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶମ୍ଭୁନାଥ ଗିରି, ଜୟକୃଷ୍ଣ ସାହୁ, ରମେଶ ବେହେରା ଓ ଦେବଶ୍ରୀ ରଘୁନନ୍ଦନ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।




ଅତିଥିଙ୍କ ଗହଣରେ ଟପ୍ପର ଛାତ୍ରୀଛାତ୍ର।

## ପଲ୍‌ସ ପୋଲିଓ ଟିକାକରଣ ଲାଗି ୨, ୧୨୯ ଟିମ୍

### ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ

ବାଲେଶ୍ୱର, ୨୯।୨(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ପଲସ ପୋଲିଓ ଟିକାକରଣ ନିମନ୍ତେ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଳସେନ ଜଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ମାର୍ଚ୍ଚ ୩ରୁ ୫ତାରିଖରେ ହେବାକୁ ଥିବା ପଲସ ପୋଲିଓ ଅଭିଯାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଜିଲାରେ ୧୦୬୩ କେନ୍ଦ୍ରରେ ଜନ୍ମରୁ ୫ବର୍ଷ ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ୨୧୨୯ଟି ଟିମ୍ ଗଠନ କରାଯାଇଛି। ସେହି ଟିମ୍‌ରେ ୪୨୫୨ କର୍ମୀ ରହି ପିଲାମାନଙ୍କୁ ପୋଲିଓ ବୁନ୍ଦା ଦେବା ସହିତ ୨୦୯ଜଣ ସୁପରଭାଇଜର କାର୍ଯ୍ୟକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମାଇକ୍ ଦ୍ୱାରା



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀଗଣ।

ପ୍ରଚାର କରିବା ସହିତ ବ୍ୟାନର, ପୋଷ୍ଟର ଲଗାଯାଇଛି। ଏଥିସହିତ ଜିଲାସ୍ତରରେ ଜିଲାପାଳଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି। ସେହିଭଳି ବ୍ଲକସ୍ତରରେ ମଧ୍ୟ ବିଡିଓଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି। ୪ ଓ ୫ ତାରିଖରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ପିଲା ଚିହ୍ନଟ କରି ପିଲାକୁ ପୋଲିଓ ବୁନ୍ଦା ଦେବାର ବ୍ୟବସ୍ଥା କରାଯାଇଛି। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, ଏନ୍‌ଜିଓ ଆଦିଙ୍କୁ ଅଭିଯାନକୁ ସଫଳ କରିବା ଏବଂ ଟିକାକରଣରୁ କୌଣସି ଶିଶୁ ଯେପରି ବାଦ୍ ନ ପଡ଼ନ୍ତି ସେଥିପ୍ରତି ପଦକ୍ଷେପ ନେବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ, ବିଭିନ୍ନ ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

